Bhubaneswar, Tuesday, October 13, 2026
ଭୁବନେଶ୍ୱର,ମଙ୍ଗଳବାର,ଅକ୍ଟୋବର ୧୩, ୨୦୨୬
Vol-01, Issue-155
ବର୍ଷ-୦୧, ସଂଖ୍ୟା -୧୫୫

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ପୁରୀ ଜିଲ୍ଲାର ହେବ କାୟାକଳ୍ପ, ଶ୍ରୀକ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

## ସ୍ଥାନୀୟ ସେବାୟତ, ବ୍ୟବସାୟୀ ଓ ନାଗରିକଙ୍କ ସ୍ୱାର୍ଥ ସୁରକ୍ଷା ସହ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨/୧୦ :ଲୋକସେବା ଭବନଠାରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତିଭୂମି ପ୍ରକଳ୍ପଗୁଡିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ସେବାୟତମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ପ୍ରକାଶ ପାଇଛି। ଏହି ସମୀକ୍ଷା ବୈଠକରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଂଟରପ୍ରିଟେସନ୍ ସେଂଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି। ଶ୍ରୀମନ୍ଦିର ବଡଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷାଗୋପଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡୀ ଜଗନ୍ନାଥ ଦାସଙ୍କ ସାତଲହଡି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକାଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳମନର ପୁନରୁଦ୍ଧାର କରାଯାାଉଛି ବୋଲଇ ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଯୋଗାଯୋଗ ଓ ଭିତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀରୁ ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ। ପୁରୀ ସହରର ଗୌରବ ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ବିଶେଷ ସମ୍ବେଦନଶୀଳ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହିତ ସ୍ଥାନୀୟ ସେବାୟତ, ବ୍ୟବସାୟୀ ଏବଂ ଆବାସିକ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ, ସେଥିପ୍ରତି ପ୍ରଶାସନ ସଜାଗ ରହିବ ଜରୁରୀ। ପ୍ରତ୍ୟେକଟି ଯୋଜନାର ଶେଷ ଫଳପ୍ରଦ ସାଧାରଣ ଜନତାଙ୍କ ପାଖରେ ପହଂଚିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ ସମ୍ପୃକ୍ତ ଅଧିକାରୀମାନଙ୍କୁ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରିତାରେ କୌଣସି ପ୍ରକାରର ଅବହେଳା, ବିଳମ୍ବ କିମ୍ବା ଅନିୟମିତତା ଆଦୌ ସହ୍ୟ କରାଯିବ ନାହିଁ। ସମସ୍ତ ବିଭାଗୀୟ ଅଫିସର, ଜିଲ୍ଲାପାଳ ଓ ଏସ.ପି.ଙ୍କୁ କ୍ଷେତ୍ରସ୍ତରରେ ନିଜେ ତଦାରଖ କରି ନିର୍ଦ୍ଧାରିତ ସମୟସୀମା (time-bound execution) ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଯୋଜନାଗୁଡିକ ଯେପରି କେବଳ କାଗଜପତ୍ରରେ ସୀମିତ ନରହି ପ୍ରତ୍ୟକ୍ଷ ଭାବେ ପୁରୀବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହେବ, ସେହି ନିଷ୍ଠା ଓ ଦାୟିତ୍ୱବୋଧର ସହ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଶ୍ରୀ ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ୬ ରାଜ୍ୟରେ ରାଜ୍ୟପାଳ ନିଯୁକ୍ତି ଓ ଅଦଳବଦଳ

## ଓଡ଼ିଶାର ନୂତନ ରାଜ୍ୟପାଳ ହେଲେ ବ୍ରଜମୋହନ ରାମ



ନୂଆଦିଲ୍ଲୀ, ୧୨/୧୦ : ଭାରତର ରାଷ୍ଟ୍ରପତି ୬ଟି ରାଜ୍ୟରେ ନୂତନ ରାଜ୍ୟପାଳ ନିଯୁକ୍ତି ସହ କେତେକ ରାଜ୍ୟର ରାଜ୍ୟପାଳଙ୍କ ଦାୟିତ୍ୱରେ ଅଦଳବଦଳ କରିଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ୧୨ ଅକ୍ଟୋବର ୨୦୨୬ରେ ଜାରି ଘୋଷଣା ଅନୁଯାୟୀ, ସିକିମର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଦାୟିତ୍ୱ ଦିଆଯାଇଛି। ସେହିପରି ବ୍ରଜମୋହନ ରାମଙ୍କୁ ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ଡାକ୍ତର ସୁଧା ଯାଦବଙ୍କୁ କର୍ଣ୍ଣାଟକର ରାଜ୍ୟପାଳ ଏବଂ ଡାକ୍ତର ଡାଲ ସିଂହ ବିସେନଙ୍କୁ ଉତ୍ତରାଖଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଦୁଷ୍ୟନ୍ତ ଗୌତମଙ୍କୁ ସିକିମର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଭବନର ଘୋଷଣା ଅନୁଯାୟୀ, ସମ୍ପୃକ୍ତ ରାଜ୍ୟପାଳମାନେ ନିଜ ନିଜ ପଦର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ନିଯୁକ୍ତିଗୁଡ଼ିକ କାର୍ଯ୍ୟକାରୀ ହେବ।

## ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ନିଚ୍ଛକ ନିଦର୍ଶନ :ଧର୍ମେନ୍ଦ୍ର ପ୍ରଧାନ

ପୁରୀ, ୧୨/୧୦ :ଜଗନ୍ନାଥ ସଂସ୍କୃତି କହିଲେ କେବଳ ଆଚାର-ବିଚାର କିମ୍ବା ପୂଜା-ପଦ୍ଧତିକୁ ବୁଝାଏ ନାହିଁ। ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ଜୀବନ୍ତ ନିଦର୍ଶନ । ସୋମବାର ପୁରୀ ଠାରେ ଶ୍ରୀମନ୍ଦିରର ଅନନ୍ୟ ସେବକ ସଂଘ 'ପ୍ରତିହାରୀ ନିଯୋଗ' ଦ୍ୱାରା ଆୟୋଜିତ 'ସମର୍ପଣ – ସେବା ଓ ସେବକ ସମ୍ମାନ-୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀମନ୍ଦିରର ସେବା ପଦ୍ଧତିରେ ଛତିଶା ନିଯୋଗର ଏକ ବିଶେଷ ଓ ଅନନ୍ୟ ମହତ୍ତ୍ୱ ରହିଛି । କିନ୍ତୁ ସେହି ସମସ୍ତ ସେବକ ସମ୍ପ୍ରଦାୟ ମଧ୍ୟରେ 'ପ୍ରତିହାରୀ ନିଯୋଗ' ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସ୍ୱତନ୍ତ୍ର ଓ ମହାନ । 'ପ୍ରତିହାରୀ', ଏହି ଶବ୍ଦଟି ମଧ୍ୟରେ ହିଁ ସୁରକ୍ଷା, ସମର୍ପଣ, ଅନୁଶାସନ ଓ ନିଷ୍ଠାର ଭାବ ଭରି ରହିଛି । ଶ୍ରୀମନ୍ଦିରର ଶ୍ରୀଅଙ୍ଗ ରକ୍ଷା, ଦ୍ୱାର ସୁରକ୍ଷା, ନୀତିକାନ୍ତିକୁ ସୁଚାରୁରୂପେ ପରିଚାଳିତ କରିବା ଏବଂ କୋଟି କୋଟି ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାରେ ପ୍ରତିହାରୀ ସେବକମାନେ ଦିନରାତି ନିଜକୁ ନିୟୋଜିତ କରିଥାନ୍ତି । ଏହି ପରିପ୍ରକ୍ଷୀରେ ଆଜିର ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଶ୍ରୀମନ୍ଦିରର ସହସ୍ର ବର୍ଷର ନିଷ୍ଠାପର ସେବା ପରମ୍ପରା, ଭକ୍ତି, ତ୍ୟାଗ ଓ ଶୃଙ୍ଖଳାର ଏକ ମହାନ ସଂସ୍କୃତିକୁ ପ୍ରଣାମ ଜଣାଇବାର ଏକ ଦିବ୍ୟ ଅବସର ।

ଶ୍ରୀ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ମନ୍ଦିର ଭିତରେ ଯେଉଁ ଲୋକ ସମର୍ପଣ ଓ ଲୋକ ସମାବେଶ ତିଆରି ହୁଏ, ସେଭଳି ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଭଗବାନଙ୍କ ପାଖରେ କୌଣସି କୌଣସି ବିଭେଦ ନାହିଁ ଏବଂ କୌଣସି ବିଭାଜନ ନାହିଁ । ପୁରୀ କେବଳ ଏକ ମନ୍ଦିର ନୁହେଁ, ପୁରୀ ହେଉଛି ମାନବ ଚେତନାର ଏକ ଅନନ୍ୟ କେନ୍ଦ୍ର । ପୁରୀକୁ ମନୁଷ୍ୟର ଆବଶ୍ୟକତା ଅଛି ଶାନ୍ତି, ପରସ୍ପରକୁ ଭଲ ପାଇବା ଏବଂ ବିଶ୍ୱାସ କରିବା – ଏ ସବୁର ପ୍ରୟୋଗଶାଳା ହେଲା ଆମ ପୁରୀ ।

ସେ ଆହୁରି କହିଛନ୍ତି, ଆଜିଠୁ ପ୍ରାୟ ଦୁଇ ଶହ ବର୍ଷ ପୂର୍ବ ଓଡ଼ିଶାର ଜଣେ ସାଧାରଣ ବ୍ୟକ୍ତି, ଯାହାଙ୍କୁ ପୁରୀରେ ଆପଣମାନେ 'ଧୂଳି ବାବା' ଭାବରେ ନାମିତ କରିଥିଲେ, ସେ ପରେ ଯାଇ ମହିମା ଗୋସାଇଁଙ୍କ ଦ୍ୱାରା ପରିଚିତ ଓ ପ୍ରଭାବିତ ହୋଇଥିଲେ । ସେହି 'ଶୂନ୍ୟ ବ୍ରହ୍ମ' ଓ ଦାରୁବ୍ରହ୍ମ ଠାରୁ ପ୍ରେରଣା ଲାଭ କରି ଶୂନ୍ୟ ବ୍ରହ୍ମର ପରିକଳ୍ପନାକୁ ବ୍ୟାଖ୍ୟାନ, ପରିଭାଷିତ ଏବଂ ଭାଷ୍ୟ କରିଥିଲେ।

### ଗ୍ରାମାଞ୍ଚଳର ଛାତ୍ରୀଙ୍କୁ ବିଜ୍ଞାନ ଓ ବୈଷୟିକ ଶିକ୍ଷାରେ ସଶକ୍ତ କରିବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

## କୋଶଳ ଆନ୍ଧ୍ର ସାଂସ୍କୃତିକ ସଂଘର ୨୩ତମ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ



ଭୁବନେଶ୍ୱର ,୧୨/୧୦:ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ଦିନ ବରଗଡ଼ ଜିଲ୍ଲା ନୂଆଖାଇରପାଲି ଗ୍ରାମସ୍ଥିତ କୋଶଳ ବିଦ୍ୟାଳୟରେ ବୋଇଂ ସୁକନ୍ୟା STEM ଲ୍ୟାବ୍, ଏରୋମଡେଲିଂ ତାଲିମ କେନ୍ଦ୍ର ଏବଂ ଏଆଇ ଲ୍ୟାବ୍‌ର ଉଦ୍‌ଘାଟନ କରିଛନ୍ତି। ଶିକ୍ଷା, ବୈଜ୍ଞାନିକ ଚିନ୍ତାଧାରା ଓ ବୈଷୟିକ ନବସୃଜନ ମାଧ୍ୟମରେ ଗ୍ରାମାଞ୍ଚଳର ଛାତ୍ରୀମାନଙ୍କୁ ସଶକ୍ତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରତିଭା କେବେ ବି ପରିସ୍ଥିତିର ସୀମା ମଧ୍ୟରେ ଆବଦ୍ଧ ହୋଇ ରହିବା ଉଚିତ ନୁହେଁ। ପ୍ରତ୍ୟେକ ଛାତ୍ରୀଙ୍କୁ ନିଜର ଦକ୍ଷତା ଓ ସାମର୍ଥ୍ୟର ସର୍ବୋତ୍ତମ ଉପଯୋଗ କରିବାର ସୁଯୋଗ ମିଳିବା ଆବଶ୍ୟକ। ଏହି ଅତ୍ୟାଧୁନିକ ସୁବିଧାଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା, ଗବେଷଣା ଓ ନବସୃଜନର ମନୋଭାବ ବିକଶିତ କରିବା ସହ ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ।

ୱେଞ୍ଚରଗ ଲ୍ୟାବ୍ ମାଧ୍ୟମରେ ବିଜ୍ଞାନ ଓ ଗଣିତରେ ପ୍ରୟୋଗଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ମିଳିବ। ଏରୋମଡେଲିଂ ତାଲିମ କେନ୍ଦ୍ର ଛାତ୍ରଛାତ୍ରୀଙ୍କୁ ବିମାନ ଉଡ଼ାଣ, ନକ୍ସା ପ୍ରସ୍ତୁତି ଓ ଇଞ୍ଜିନିୟରିଂ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବ। ସେହିପରି, ଏଆଇ ଲ୍ୟାବ୍ ଭବିଷ୍ୟତର ବୈଷୟିକ ଜଗତକୁ ପ୍ରଭାବିତ କରୁଥିବା କୃତ୍ରିମ ବୁଦ୍ଧିମତ୍ତା ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବ। ଏହା ଦ୍ୱାରା ବିମାନ ଚଳାଚଳ, ରୋବୋଟିକ୍ସ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟପାଳ କହିଛନ୍ତି ।

ଆଧୁନିକ ବିଜ୍ଞାନଭିତ୍ତିକ ଶିକ୍ଷାକୁ ସହରାଞ୍ଚଳରୁ ଦୂରଦୂରାନ୍ତର ଗ୍ରାମାଞ୍ଚଳକୁ ସମ୍ପ୍ରସାରିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ। ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରତିଭା ଓ ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀ, ବିଶେଷକରି ଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଯୁକ୍ତିସଙ୍ଗତ ଚିନ୍ତାଧାରା ଓ ସମସ୍ୟା ସମାଧାନ ଦକ୍ଷତାର ବିକାଶ କରିବା ସହ ଏହି ସୁବିଧାଗୁଡ଼ିକର ସର୍ବାଧିକ ଉପଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଦୂରଦର୍ଶୀ ଅଧ୍ୟକ୍ଷ ସ୍ୱର୍ଗତ ଗନ୍ନିମାନି ଆନନ୍ଦ ରାଓଙ୍କ ପ୍ରତି ରାଜ୍ୟପାଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କୃଷକ ପରିବାରରୁ ଆସି ଜଣେ ଉଦ୍‌ଯୋଗୀ ଭାବେ ପ୍ରତିଷ୍ଠା ଲାଭ କରିବା ସହ ସମାଜର ବିକାଶ ପାଇଁ ତାଙ୍କର ଅବଦାନ ପ୍ରେରଣାଦାୟକ ବୋଲି ସେ କହିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର, ଶୈକ୍ଷିକ ଉତ୍କର୍ଷତା, କ୍ରୀଡ଼ା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ବିଦ୍ୟାଳୟର ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମାନ୍ୟବର ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ ଷଡ଼ଙ୍ଗୀ, ମାନ୍ୟବର ଅତାବିରା ବିଧାୟକ ଶ୍ରୀ ନିହାର ରଞ୍ଜନ ମହାନନ୍ଦ, ମାନ୍ୟବର ଭଟଲି ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ, ବୋଇଂ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ପ୍ରବୀଣା ଓ୍ୱାଇ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ବେହେରା ଉପସ୍ଥିତ ଥିଲେ।

ଏହା ପୂର୍ବରୁ ମାନ୍ୟବର ରାଜ୍ୟପାଳ ଅତାବିରାଠାରେ ଆୟୋଜିତ ୨୩ତମ କୋଶଳ ଆନ୍ଧ୍ର ସାଂସ୍କୃତିକ ସଂଘର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସାଂସ୍କୃତିକ ସଦ୍‌ଭାବ, ପାରସ୍ପରିକ ସମ୍ମାନ ଏବଂ ଓଡ଼ିଶା-ଆନ୍ଧ୍ରପ୍ରଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ରାଜ୍ୟପାଳ କହିଥିଲେ ଯେ ଆନ୍ଧ୍ର ସମ୍ପ୍ରଦାୟର ଅନେକ ପରିବାର ଛଅ ଦଶନ୍ଧିରୁ ଅଧିକ ସମୟ ପୂର୍ବରୁ ପଶ୍ଚିମ ଓଡ଼ିଶାରେ ଆସି ବସବାସ କରିଥିଲେ। ହୀରାକୁଦ ଡ୍ୟାମ୍ ପ୍ରକଳ୍ପ ଅନେକ ପରିବାର ପାଇଁ ନୂତନ ଜୀବିକା ଓ ସୁଯୋଗର ଦ୍ୱାର ଖୋଲିଥିଲା। କାଳକ୍ରମେ ଏହି ସମ୍ପ୍ରଦାୟ ନିଜର ତେଲୁଗୁ ଭାଷା, ପରମ୍ପରା ଓ ସଂସ୍କୃତିକୁ ସଂରକ୍ଷିତ ରଖିବା ସହ ସ୍ଥାନୀୟ ଜନସାଧାରଣଙ୍କ ସହ ଘନିଷ୍ଠ ସମ୍ପର୍କ ଗଢ଼ି ତୋଳିଛନ୍ତି।

ଉଗାଦି ଓ ସଂକ୍ରାନ୍ତି ଭଳି ପର୍ବପର୍ବାଣୀ ମାଧ୍ୟମରେ ସାଂସ୍କୃତିକ ଆଦାନପ୍ରଦାନ ଓ ପିଢ଼ି ପରେ ପିଢ଼ି ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାରେ ସଂଘର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପରମ୍ପରାର ସଂରକ୍ଷଣ, ନୂତନ ପିଢ଼ିକୁ ସଂସ୍କୃତି ସହ ଯୋଡ଼ି ରଖିବା ଏବଂ ସାମାଜିକ ଜୀବନକୁ ସମୃଦ୍ଧ କରିବାରେ ମହିଳାମାନଙ୍କ ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ।

ପ୍ରସ୍ତାବିତ ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହା ଭବିଷ୍ୟତରେ ଭକ୍ତି, ସଂସ୍କୃତି, ଶିକ୍ଷା ଓ ସମାଜସେବାର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ ହୋଇପାରିବ। ଯୁବପିଢ଼ି ନିଜର ତେଲୁଗୁ ଐତିହ୍ୟକୁ ନେଇ ଗର୍ବ ଅନୁଭବ କରିବା ସହ ବୈଷୟିକ ଜ୍ଞାନ ଓ ନବସୃଜନକୁ ଆପଣାଇବା ଉଚିତ ବୋଲି ସେ କହିଥିଲେ। ଶିକ୍ଷା, ଉଦ୍‌ଯୋଗ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଅଧିକ ସହଯୋଗ ପାଇଁ ସେ ଆହ୍ୱାନ ଜଣାଇଥିଲେ।ଏହି ସାଂସ୍କୃତିକ ସମାରୋହରେ ମାନ୍ୟବର ଅତାବିରା ବିଧାୟକ ଶ୍ରୀ ନିହାର ରଞ୍ଜନ ମହାନନ୍ଦ ଏବଂ ଫ୍ଲୁଏଣ୍ଟ ଗ୍ରିଡ୍‌ର ସିଇଓ ଗନ୍ନିମାନି ମୁରଲୀ କୃଷ୍ଣ ଉପସ୍ଥିତ ଥିଲେ।

ସମ୍ପାଦକୀୟ

# ବିଶ୍ୱ ବାଣିଜ୍ୟର ମହାଶକ୍ତି

ଓଡ଼ିଶାର ଅର୍ଥନୈତିକ ଇତିହାସରେ ପାରାଦୀପ ବନ୍ଦର କେବଳ ଏକ ବନ୍ଦରର ନାମ ନୁହେଁ, ଏହା ରାଜ୍ୟର ସମୁଦ୍ରମୁଖୀ ଭବିଷ୍ୟତର ଏକ ବିଶାଳ ଦ୍ୱାର। ମହାନଦୀ ମୁହାଣ ନିକଟରେ ବଙ୍ଗୋପସାଗର କୂଳରେ ଅବସ୍ଥିତ ଏହି ବନ୍ଦର ଆଜି ଓଡ଼ିଶାର ଶିଳ୍ପ, ଖଣିଜ, ରପ୍ତାନି, ଆମଦାନି ଓ ପରିବହନ ବ୍ୟବସ୍ଥାର ମୁଖ୍ୟ ଆଧାରମାନଙ୍କ ମଧ୍ୟରେ ରହିଛି। ଏବେ ଏହାକୁ ଆହୁରି ବଡ଼, ଗଭୀର, ଦ୍ରୁତ ଓ ବହୁମୁଖୀ ବନ୍ଦରରେ ପରିଣତ କରିବାର ଯାତ୍ରା ଚାଲିଛି। ଏହି ପରିବର୍ତ୍ତନର ଅର୍ଥ କେବଳ ଅଧିକ ଜାହାଜ ଆସିବା ନୁହେଁ; ଏହାର ଅର୍ଥ ହେଉଛି ଓଡ଼ିଶାର ଉତ୍ପାଦନକୁ ଦେଶ ଓ ବିଶ୍ୱ ବଜାର ସହିତ ଆହୁରି ଦୃଢ଼ ଭାବେ ଯୋଡ଼ିବା। ୨୦୨୫-୨୬ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୫୬.୪୫ ନିୟୁତ ମେଟ୍ରିକ ଟନ୍ ? ପଣ୍ୟ ପରିବହନ କରି ନିଜ ଇତିହାସର ସର୍ବାଧିକ ବାର୍ଷିକ ପରିମାଣ ହାସଲ କରିଛି। ପୂର୍ବବର୍ଷ ତୁଳନାରେ ବୃଦ୍ଧି ପ୍ରାୟ ଚାରି ଶତାଂଶ। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ୨୦୨୬-୨୭ ଆର୍ଥିକ ବର୍ଷର ଏପ୍ରିଲରୁ ମେ ମାସ ମଧ୍ୟରେ ପାରାଦୀପ ୨୬.୭୧ ନିୟୁତ ମେଟ୍ରିକ ଟନ୍ ? ପଣ୍ୟ ପରିଚାଳନା କରି ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରେ ସର୍ବାଧିକ ପରିମାଣ ରେକର୍ଡ କରିଥିଲା। ଏହି ତଥ୍ୟ ପାରାଦୀପର ବଢ଼ୁଥିବା ଗୁରୁତ୍ୱକୁ ସ୍ପଷ୍ଟ କରେ। ଏହି ବନ୍ଦରର ଇତିହାସ ମଧ୍ୟ ଓଡ଼ିଶାର ଆଧୁନିକ ଶିଳ୍ପ ଯାତ୍ରା ସହିତ ଅତ୍ୟନ୍ତ ଗଭୀର ଭାବେ ଜଡ଼ିତ। ୧୯୬୨ ମସିହାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା ଏବଂ ୧୯୬୬ ମସିହାରେ ବନ୍ଦର ଚାଲୁ ହୋଇଥିଲା। ସେତେବେଳେ ଏହା ଥିଲା ଏକ ଦୂରଦର୍ଶୀ ସ୍ୱପ୍ନ; ଆଜି ଏହା ଲକ୍ଷ ଲକ୍ଷ ଟନ୍ ? ପଣ୍ୟର ଜୀବନ୍ତ ପ୍ରବାହ। ପାରାଦୀପର ଭୌଗୋଳିକ ଅବସ୍ଥାନ ତାହାର ସବୁଠାରୁ ବଡ଼ ସମ୍ପଦ। ମହାନଦୀ ମୁହାଣ ନିକଟତା, ବଙ୍ଗୋପସାଗର ସହିତ ସିଧାସଳଖ ସଂଯୋଗ ଓ ଓଡ଼ିଶାର ଖଣିଜ ଅଞ୍ଚଳ ସହିତ ସଡ଼କ ଓ ରେଳ ସଂଯୋଗ ଏହାକୁ ଏକ ରଣନୈତିକ ବାଣିଜ୍ୟ କେନ୍ଦ୍ରରେ ପରିଣତ କରିଛି। ଏହାର ପଛପଟ ଅଞ୍ଚଳ କେବଳ ଓଡ଼ିଶାରେ ସୀମିତ ନୁହେଁ; ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିସ୍ତୃତ। ତେଣୁ ପାରାଦୀପର ବିକାଶ ଏକ ରାଜ୍ୟର ବନ୍ଦର ବିକାଶ ନୁହେଁ, ଏହା ପୂର୍ବ ଓ ମଧ୍ୟ ଭାରତର ଶିଳ୍ପ ଓ ବାଣିଜ୍ୟ ପଥକୁ ଶକ୍ତିଶାଳୀ କରିବାର ଏକ ମାଧ୍ୟମ। ବର୍ତ୍ତମାନ ବନ୍ଦରରେ ବିଭିନ୍ନ ପ୍ରକାରର ପଣ୍ୟ ପରିଚାଳନା ହେଉଛି। ଅଶୋଧିତ ତୈଳ, ତୈଳଜାତ ପଦାର୍ଥ, ଲୁହାପଥର, ତାପଜ କୋଇଲା, କୋକିଂ କୋଇଲା, କ୍ରୋମ ଖଣିଜ, ଇସ୍ପାତ, ସାର, ସାରର କଞ୍ଚାମାଲ, ଚୂନପଥର, ଜିପସମ, ପ୍ରକଳ୍ପ ସାମଗ୍ରୀ ଓ ପାତ୍ରବାହୀ ପଣ୍ୟ ଏଠାରୁ ଯାଉଛି ଓ ଆସୁଛି। ଅର୍ଥାତ୍ ? ପାରାଦୀପ କେବଳ ଖଣିଜ ବନ୍ଦର ଭାବେ ଅଟକି ନାହିଁ; ଏହା ଧୀରେ ଧୀରେ ବହୁମୁଖୀ ବାଣିଜ୍ୟ କେନ୍ଦ୍ରର ରୂପ ନେଉଛି। ବନ୍ଦରର ଆଧୁନିକୀକରଣର ମୂଳ ଲକ୍ଷ୍ୟ ହେଉଛି ଅଧିକ ପଣ୍ୟକୁ କମ ସମୟରେ, କମ ଖର୍ଚ୍ଚରେ ଓ ଅଧିକ ସୁରକ୍ଷାରେ ପରିଚାଳନା କରିବା। ଏହି ଲକ୍ଷ୍ୟ ପୂରଣ ପାଇଁ ଗଭୀର ଜଳରେ ବଡ଼ ଜାହାଜ ଭିଡ଼ାଇବାର କ୍ଷମତା ବଢ଼ାଯାଉଛି। ୨୦୨୬ ସେପ୍ଟେମ୍ବର ୬ ତାରିଖରେ ପଶ୍ଚିମ ଡକ୍ ?ରେ ପ୍ରଥମଥର ପାଇଁ ୧୬.୫ ମିଟର ଗଭୀରତାର ଏକ ବିଶାଳ ପଣ୍ୟବାହୀ ଜାହାଜ ଭିଡ଼ାଇବା ପାରାଦୀପର ନୂଆ କ୍ଷମତାର ଏକ ପ୍ରମୁଖ ସଙ୍କ ?ତ। ଏହା ଦ୍ୱାରା ଅଧିକ ପଣ୍ୟ ଏକଥରେ ପରିବହନ କରିବା, ଜାହାଜ ଆସିବା-ଯିବାର ସମୟ କମାଇବା ଓ ବାଣିଜ୍ୟିକ ଖର୍ଚ୍ଚ ହ୍ରାସ କରିବାର ସୁଯୋଗ ବଢ଼ିବ। ଏହି ପରିବର୍ତ୍ତନର ସବୁଠାରୁ ବଡ଼ ଲାଭ ଶିଳ୍ପକୁ ମିଳିପାରେ। ଓଡ଼ିଶାରେ ଇସ୍ପାତ, ଶକ୍ତି, ସାର, ଧାତୁ, ରାସାୟନିକ ଓ ଅନ୍ୟାନ୍ୟ ଶିଳ୍ପର ବିକାଶ ପାଇଁ ନିର୍ଭରଯୋଗ୍ୟ ଓ ସସ୍ତା ପରିବହନ ଅତ୍ୟନ୍ତ ଆବଶ୍ୟକ। ଏକ ଶକ୍ତିଶାଳୀ ବନ୍ଦର ଥିଲେ କଞ୍ଚାମାଲ ଆସିବାର ଖର୍ଚ୍ଚ କମିପାରେ, ଉତ୍ପାଦିତ ସାମଗ୍ରୀ ବାହାରକୁ ପଠାଇବା ସହଜ ହୋଇପାରେ ଏବଂ ନୂଆ ଶିଳ୍ପ ପାଇଁ ନିବେଶକଙ୍କ ଆକର୍ଷଣ ବଢ଼ିପାରେ। ତେଣୁ ପାରାଦୀପର ବିସ୍ତାରକୁ କେବଳ ବନ୍ଦର ପ୍ରକଳ୍ପ ଭାବେ ଦେଖିଲେ ଚାଲିବ ନାହିଁ; ଏହାକୁ ଓଡ଼ିଶାର ଶିଳ୍ପ ନୀତି, ରପ୍ତାନି ନୀତି ଓ ରୋଜଗାର ନୀତିର ଅଂଶ ଭାବେ ଦେଖିବା ଦରକାର। ବନ୍ଦର ବଡ଼ ହେଲେ ତାହାର ଚାରିପାଖରେ ଗୋଦାମ, ଶୀତଳ ଭଣ୍ଡାର, ପ୍ୟାକେଜିଂ, ମରାମତି, ଜାହାଜ ସେବା, ପରିବହନ, ବୀମା, ଆର୍ଥିକ ସେବା, ନିର୍ମାଣ ଓ ଛୋଟ ଶିଳ୍ପର ସୁଯୋଗ ମଧ୍ୟ ବଢ଼ିବ। ଏହାର ପ୍ରଭାବ ପାରାଦୀପ ସହରରୁ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ ଓ ଅନ୍ୟାନ୍ୟ ଅଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିପାରେ। ଯୁବପିଢ଼ି ପାଇଁ ଏହା ଏକ ନୂଆ ଅର୍ଥନୈତିକ ସୁଯୋଗର ଦ୍ୱାର ଖୋଲିପାରେ। କିନ୍ତୁ ଏଠାରେ ଏକ ମୂଳ ପ୍ରଶ୍ନ ରହିଛି—ବନ୍ଦର ବଢ଼ିବ, କିନ୍ତୁ ସ୍ଥାନୀୟ ଲୋକଙ୍କ ଜୀବନ କେତେ ବଢ଼ିବ ? ବିକାଶର ସଫଳତା କେବଳ ପଣ୍ୟର ପରିମାଣରେ ମାପିହେବ ନାହିଁ। ସ୍ଥାନୀୟ ଯୁବକଙ୍କୁ କେତେ ଚାକିରି ମିଳିଲା, ଛୋଟ ବ୍ୟବସାୟୀ କେତେ ଲାଭ ପାଇଲେ, ମାଛଧରାଳିଙ୍କ ଜୀବିକା କେତେ ସୁରକ୍ଷିତ ରହିଲା, ପରିବେଶ କେତେ ସୁରକ୍ଷିତ ରହିଲା, ସହରର ରାସ୍ତା, ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା କେତେ ଉନ୍ନତ ହେଲା—ଏହି ସବୁ ମାପଦଣ୍ଡ ମଧ୍ୟ ଜରୁରୀ। ବଡ଼ ବନ୍ଦର ସହିତ ବଡ଼ ଦାୟିତ୍ୱ ମଧ୍ୟ ଆସେ। ସମୁଦ୍ର ଓ ନଦୀ ପରିବେଶ, ମାଛ ସମ୍ପଦ, ଉପକୂଳୀୟ ଜୈବବିବିଧତା ଓ ସ୍ଥାନୀୟ ଜୀବନକୁ ସୁରକ୍ଷା ଦେଇ ଶିଳ୍ପ ବିକାଶ କରିବା ଆବଶ୍ୟକ। ପ୍ରଦୂଷଣ ନିୟନ୍ତ୍ରଣ, ଧୂଳି ହ୍ରାସ, ଅବଶିଷ୍ଟ ପରିଚାଳନା, ଶୁଦ୍ଧ ଶକ୍ତି ବ୍ୟବହାର ଓ ଜଳ ସଂରକ୍ଷଣକୁ ବନ୍ଦର ବିକାଶର କେନ୍ଦ୍ରରେ ରଖିବା ଦରକାର। ଆଧୁନିକ ବନ୍ଦରର ମାନଦଣ୍ଡ କେବଳ କେତେ ଟନ୍ ? ପଣ୍ୟ ହେଲା ତାହା ନୁହେଁ; କେତେ କମ ପ୍ରଦୂଷଣରେ, କେତେ କମ ସମୟରେ ଓ କେତେ ଅଧିକ ଦକ୍ଷତାରେ ସେହି ପଣ୍ୟ ପରିଚାଳନା ହେଲା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପାରାଦୀପର ଆଗାମୀ ପର୍ଯ୍ୟାୟରେ ସଂଯୋଗ ବ୍ୟବସ୍ଥା ମଧ୍ୟ ନିର୍ଣ୍ଣାୟକ ହେବ। ବନ୍ଦର ଭିତରେ ଜାହାଜ ଦ୍ରୁତ ଚାଲିଲା, କିନ୍ତୁ ବାହାରେ ସଡ଼କ ଓ ରେଳ ଯଦି ଜାମ ହେଲା, ତେବେ ସମଗ୍ର ଶୃଙ୍ଖଳର ଲାଭ କମିଯିବ। ତେଣୁ ରେଳ, ଜାତୀୟ ରାଜପଥ, ସଡ଼କ, ଜଳପଥ, ନଳପଥ ଓ ଗୋଦାମ ବ୍ୟବସ୍ଥାକୁ ଏକାଠି ଭାବିବା ଦରକାର। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବେ ପଶ୍ଚିମ ଡକ୍ ? ବିକାଶ, ବ୍ରେକ୍ ?ୱାଟର ସୁଦୃଢ଼ୀକରଣ, ଅତିରିକ୍ତ ପ୍ରବେଶପଥ ଓ ଉଡ଼ାଣପଥ ଭଳି ବିଭିନ୍ନ ପ୍ରକଳ୍ପ ଆଗେଇ ନେଉଛନ୍ତି। ଏଗୁଡ଼ିକ ସଫଳ ହେଲେ ବନ୍ଦରର କ୍ଷମତା ଓ ଦକ୍ଷତା ଆହୁରି ବଢ଼ିବ। ପାରାଦୀପକୁ ଭବିଷ୍ୟତର ମହାବନ୍ଦର କରିବାକୁ ହେଲେ ଆଉ ଏକ କଥା ମନେ ରଖିବା ଦରକାର—କେବଳ ପଣ୍ୟ ଆଣିବା ଓ ପଠାଇବା ନୁହେଁ, ମୂଲ୍ୟଯୋଗ କରିବା। ଯଦି କଞ୍ଚାମାଲ ବାହାରକୁ ଯାଇ ଅନ୍ୟତ୍ର ମୂଲ୍ୟବୃଦ୍ଧି ହୁଏ, ତେବେ ଓଡ଼ିଶାର ଲାଭ ସୀମିତ ରହିବ। ଏହି କାରଣରୁ ବନ୍ଦର ନିକଟରେ ଶିଳ୍ପ ଗୁଚ୍ଛ, ପ୍ରକ୍ରିୟାକରଣ କେନ୍ଦ୍ର, ରପ୍ତାନିମୁଖୀ ଉତ୍ପାଦନ ଓ ସେବା ଖାତାକୁ ବିକଶିତ କରିବା ଆବଶ୍ୟକ।

# ନିର୍ବାଚନୀ ଅଖଣ୍ଡତାର ତ୍ରିସୂତ୍ର: ତଥ୍ୟ, ସ୍ୱଚ୍ଛତା ଓ ଜନଭାଗୀଦାରି

## ହାଦିଆ ପରବିନ୍

ନିର୍ବାଚନ ବ୍ୟବସ୍ଥାର ଅଖଣ୍ଡତା କେବଳ ନିର୍ବାଚନର ସୁଚାରୁ ପରିଚାଳନା ଉପରେ ନିର୍ଭରଶୀଳ ନୁହେଁ; ବରଂ ଭୋଟର ତାଲିକାର ପ୍ରସ୍ତୁତି, ସଂଶୋଧନ ଓ ଚୂଡ଼ାନ୍ତ ପ୍ରକାଶନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କର ସ୍ପଷ୍ଟ ବୁଝାମଣା ଓ ବିଶ୍ୱାସ ମଧ୍ୟ ଏହାର ଏକ ମୁଖ୍ୟ ଆଧାର। ଝଓଜକୁ ନେଇ ସାମ୍ପ୍ରତିକ ସାର୍ବଜନୀନ ବିତର୍କ ଡ୍ରାଫ୍ଟ ପର୍ଯ୍ୟାୟର ସୂଚନା ଓ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶିତ ସଂଖ୍ୟା ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ ଭାବେ ବୁଝିବାରେ ସାହାଯ୍ୟ କରିଛି।

ଏକ ଦାବି ବ୍ୟାପକ ଭାବେ ପ୍ରଚାରିତ ହେଉଛି ଯେ ଝଓଜ ପ୍ରକ୍ରିୟା ମାଧ୍ୟମରେ ୧୩ କୋଟି ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରୁ ବାଦ ଦିଆଯାଇଛି। ତେବେ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଏହି ସଂଖ୍ୟା ଡ୍ରାଫ୍ଟ ପର୍ଯ୍ୟାୟରେ ବିଭିନ୍ନ ବର୍ଗ ସମ୍ବନ୍ଧିତ ଅଟେ, ଯେଉଁଥିରେ ପ୍ରାୟ ୨.୮ କୋଟି ମୃତ ଭୋଟର, ୩ କୋଟି ଅନୁପସ୍ଥିତ କିମ୍ବା ଅନ୍ୱେଷଣଯୋଗ୍ୟ ଭୋଟର, ୬.୩ କୋଟି ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟର ଏବଂ ୧ କୋଟି ଏକାଧିକ ନାମଲେଖା ଥିବା ଭୋଟର ଅନ୍ତର୍ଭୁକ୍ତ। ତେଣୁ ଏହି ଡ୍ରାଫ୍ଟ-ଷ୍ଟେଜ୍ ବର୍ଗୀକରଣକୁ ସିଧାସଳଖ ୧୩ କୋଟି ଚୂଡ଼ାନ୍ତ ଭାବେ ବାଦ ପଡ଼ିଥିବା ଭୋଟରଙ୍କ ସହ ସମାନ କରିବା ଠିକ୍ ନୁହେଁ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପୂର୍ବରୁ ଯାଞ୍ଚ, ଦାବି ଓ ଆପତ୍ତି ଦାଖଲ, ସେଗୁଡ଼ିକର ନିରାକରଣ ଏବଂ ଚୂଡ଼ାନ୍ତକରଣ ଭଳି ପ୍ରକ୍ରିୟା ଜାରି ରହିଥାଏ।

ଭାରତର ନିର୍ବାଚନୀ ଇତିହାସ ଦର୍ଶାଏ ଯେ ନିର୍ବାଚନୀ ପ୍ରତିଷ୍ଠାନର ବିଶ୍ୱସନୀୟତା ଗୋଟିଏ ଦିନରେ ଗଢ଼ି ଉଠେ ନାହିଁ; ଏହା ଦୀର୍ଘ ସମୟ ଧରି ପ୍ରତିଷ୍ଠାନଗତ ପ୍ରଥା, ଦାୟିତ୍ୱବୋଧ ଓ ଆଇନଗତ କ୍ଷମତାର ପ୍ରୟୋଗ ମାଧ୍ୟମରେ ଗଢ଼ିଉଠିଥାଏ। ୧୯୯୦ ଦଶକରେ ଟି.ଏନ୍. ଶେଷନଙ୍କ କାର୍ଯ୍ୟକାଳ ନିର୍ବାଚନ କମିଶନଙ୍କ ବିଦ୍ୟମାନ କ୍ଷମତାର ଅଧିକ ଦୃଢ଼ ପ୍ରୟୋଗ ପାଇଁ ବିଶେଷ ଭାବେ ସ୍ମରଣୀୟ। ଏହି ସମୟରେ ଆଦର୍ଶ ଆଚରଣ ସଂହିତାର କଠୋର ପ୍ରୟୋଗ ସହିତ କମିଶନର ଭୂମିକା ମଧ୍ୟ ସାର୍ବଜନୀନ ଭାବେ ଅଧିକ ଦୃଶ୍ୟମାନ ହୋଇଥିଲା। ଏହି ପର୍ଯ୍ୟାୟର ଗୁରୁତ୍ୱ କେବଳ କମିଶନ ନିଜ କ୍ଷମତାକୁ ଅଧିକ ସକ୍ରିୟ ଭାବେ ପ୍ରୟୋଗ କରିଥିବାରେ ସୀମିତ ନଥିଲା; ବରଂ ନାଗରିକମାନେ କ୍ରମାଗତ ଭାବରେ ଏହାକୁ ଏପରି ଏକ ସଂସ୍ଥା ଭାବରେ ଦେଖୁଥିଲେ ଯାହା ରାଜନୈତିକ ଚାପରୁ ମୁକ୍ତ ରହି ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ ଥିଲା। ତିନି ଦଶନ୍ଧି ପରେ ନିର୍ବାଚନୀ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଅନେକ ମାତ୍ରାରେ ବଦଳିଛି। ନିର୍ବାଚନ କମିଶନ ଏବେ ଏପରି ଏକ ସୂଚନା ପରିବେଶରେ କାର୍ଯ୍ୟ କରୁଛନ୍ତି, ଯେଉଁଠାରେ କୌଣସି ଦାବି ତାହାର ପୃଷ୍ଠଭୂମି ଓ ପ୍ରସଙ୍ଗ ସ୍ପଷ୍ଟ ହେବା ପୂର୍ବରୁ ହିଁ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିଥାଏ। ନିର୍ବାଚନୀ ତଥ୍ୟ, ପ୍ରଶାସନିକ ନିଷ୍ପତ୍ତି ଓ ବୈଷୟିକ ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ସହଜରେ ଏକ ଶିରୋନାମା, ସଂକ୍ଷିପ୍ତ ପୋଷ୍ଟ କିମ୍ବା କ୍ଷୁଦ୍ର ଭିଡିଓରେ ସୀମିତ ହୋଇପାରେ। ଏପରି ଏକ ଦ୍ରୁତଗତିଶୀଳ ସୂଚନା ପରିବେଶରେ, ପ୍ରତିଷ୍ଠାନଗତ ଯୋଗାଯୋଗ କେବଳ ସୂଚନା ପ୍ରଦାନର ମାଧ୍ୟମ ହୋଇ ରହେ ନାହିଁ; ଏହା ନିର୍ବାଚନୀ ସ୍ୱଚ୍ଛତା, ଜନସାଧାରଣଙ୍କ ବୁଝାମଣା ଏବଂ ପ୍ରତିଷ୍ଠାନ ପ୍ରତି ବିଶ୍ୱାସର ଏକ ଅବିଚ୍ଛିନ୍ନ ଅଂଶରେ ପରିଣତ ହୁଏ।

ଭୋଟର ତାଲିକା ସଂଶୋଧନକୁ ନେଇ ସାମ୍ପ୍ରତିକ ବିତର୍କ ଏହି ବିଷୟଟିକୁ ଆହୁରି ସ୍ପଷ୍ଟ କରେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ଦାବି, ପ୍ରସ୍ତାବିତ ଅନ୍ତର୍ଭୁକ୍ତ କିମ୍ବା ବାଦ ଦେବା ବିରୋଧରେ ଆପତ୍ତି, ଏବଂ ବାସସ୍ଥାନ ସଂଶୋଧନ କିମ୍ବା ସ୍ଥାନାନ୍ତର ସମ୍ପର୍କିତ ଆବେଦନ-ଏସବୁକୁ ପୃଥକ ପ୍ରକ୍ରିୟା ଓ ଶ୍ରେଣୀ ଭାବେ ବିଚାର କରାଯାଏ। ତେଣୁ, ଏହି ଭିନ୍ନ ପ୍ରକ୍ରିୟାଗତ ଶ୍ରେଣୀଗୁଡ଼ିକୁ ଏକାଠି କରି ଦେଖୁବା ପରିବର୍ତ୍ତେ, ପ୍ରତ୍ୟେକ ସଂଖ୍ୟାର ପ୍ରଶାସନିକ ଅର୍ଥ ଓ ପ୍ରକ୍ରିୟାଗତ ପରିପ୍ରେକ୍ଷିତକୁ ବୁଝିବା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଅତେଣୁ, ଜନସାଧାରଣଙ୍କ ମନରେ ଉଠୁଥିବା ସନ୍ଦେହର ଉତ୍ତର କେବଳ ଏତିକି କହିଦେବାରେ ସୀମିତ ରହିପାରେ ନାହିଁ ଯେ ନିର୍ବାଚନ କମିଶନ ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ। କମିଶନଙ୍କ ସାମ୍ବିଧାନିକ ସ୍ଥିତି ତାଙ୍କର ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ବୈଧତା ପ୍ରଦାନ କରେ; କିନ୍ତୁ ଜନସାଧାରଣଙ୍କ ବିଶ୍ୱାସ ସେତେବେଳେ ଅଧିକ ଦୃଢ଼ ହୁଏ, ଯେତେବେଳେ ସେହି ନିର୍ଦ୍ଦେଶ ଓ ନିଷ୍ପତ୍ତିଗୁଡ଼ିକ ସ୍ୱଚ୍ଛ ଭାବେ କାର୍ଯ୍ୟକାରୀ ହୁଏ, ସେଗୁଡ଼ିକର ଯୁକ୍ତି ଓ ପ୍ରକ୍ରିୟା ସାଧାରଣ ଲୋକଙ୍କ ପାଇଁ ବୋଧଗମ୍ୟ ହୁଏ ଏବଂ ସ୍ୱାଧୀନ ଭାବେ ଯାଞ୍ଚ କରିବାର ସୁଯୋଗ ରହେ। ଅର୍ଥାତ୍ ପ୍ରତିଷ୍ଠାନଗତ ବୈଧତା ସହିତ ସ୍ୱଚ୍ଛତା, ଜବାବଦେହିତା ଓ ବୋଧଗମ୍ୟତା ମଧ୍ୟ ଜନବିଶ୍ୱାସର ମୁଖ୍ୟ ଆଧାର। ଏହି ପରିପ୍ରେକ୍ଷିରେ, କମିଶନଙ୍କ ପାଇଁ ପ୍ରତ୍ୟେକ ସମାଲୋଚକଙ୍କୁ ସନ୍ତୁଷ୍ଟ କରିବା ଆବଶ୍ୟକ ନୁହେଁ। କୌଣସି ସ୍ୱାଧୀନ ସାମ୍ବିଧାନିକ ପ୍ରତିଷ୍ଠାନ ସାର୍ବଜନୀନ ସହମତିକୁ ଲକ୍ଷ୍ୟ କରି ନିଜର ଦାୟିତ୍ୱ ପାଳନ କରିପାରେ ନାହିଁ। ତଥାପି, ଏହାର କାର୍ଯ୍ୟପଦ୍ଧତି ଓ ନିଷ୍ପତ୍ତି ପ୍ରକ୍ରିୟାକୁ ସ୍ପଷ୍ଟ ଭାବେ ବ୍ୟାଖ୍ୟା କରିବା, ପ୍ରାସଙ୍ଗିକ ସୂଚନାକୁ ସରଳ ଓ ସୁଗମ ରୂପରେ ସାର୍ବଜନୀନ କରିବା, ଏବଂ ଅସ୍ଥାୟୀ କିମ୍ବା ଡ୍ରାଫ୍ଟ ସୂଚନା, ପ୍ରଶାସନିକ ନିଷ୍ପତ୍ତି ଓ ଚୂଡ଼ାନ୍ତ ଫଳାଫଳ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରଖିବା ତାହାର ଦାୟିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏପରି ସ୍ୱଚ୍ଛ ଓ ସୁସଙ୍ଗତ ଯୋଗାଯୋଗ ମାଧ୍ୟମରେ ତଥ୍ୟର ଭୁଲ ବ୍ୟାଖ୍ୟାର ସମ୍ଭାବନା କମିବା ସହିତ ଜନସାଧାରଣଙ୍କ ପାଇଁ ନିର୍ବାଚନୀ ପ୍ରକ୍ରିୟାକୁ ବୁଝିବା ମଧ୍ୟ ସହଜ ହୁଏ।

ତ୍ରୁଟିର ପରିଚାଳନା କ୍ଷେତ୍ରରେ ମଧ୍ୟ ସମାନ ନୀତି ପ୍ରଯୁଜ୍ୟ। ଭାରତ ଭଳି ବିଶାଳ ଓ ଜଟିଳ ଦେଶରେ ଏକ ବ୍ୟାପକ ନିର୍ବାଚନୀ ପ୍ରକ୍ରିୟା ପରିଚାଳନା କରୁଥିବା ପ୍ରତିଷ୍ଠାନ ତ୍ରୁଟି, ବାଦ ପଡ଼ିବା ଏବଂ ବିବାଦ ଭଳି ପରିସ୍ଥିତିର ସମ୍ମୁଖୀନ ହେବା ସ୍ୱାଭାବିକ। ପ୍ରତିଷ୍ଠାନଗତ ବିଶ୍ୱସନୀୟତାର ଅର୍ଥ ଏପରି ସମସ୍ୟା କେବେ ଘଟିବ ନାହିଁ ବୋଲି ଦାବି କରିବା ନୁହେଁ; ବରଂ ଏହା ପ୍ରମାଣ କରିବା ଯେ ସ୍ପଷ୍ଟ ଓ ପ୍ରତିଷ୍ଠିତ ପ୍ରକ୍ରିୟା ମାଧ୍ୟମରେ ତ୍ରୁଟିକୁ ଚିହ୍ନଟ, ସଂଶୋଧନ ଏବଂ ତାହା ପାଇଁ ଜବାବଦେହିତା ନିର୍ଦ୍ଧାରଣ କରାଯାଇପାରେ। ଏଠାରେ ଏକ ବ୍ୟାପକ ସାମ୍ବିଧାନିକ ଶିକ୍ଷା ନିହିତ ଅଛି। ପ୍ରତିଷ୍ଠାନଗୁଡ଼ିକ ସ୍ୱଚ୍ଛତା ଓ ଜବାବଦେହିତା ସହିତ ନିଜର କର୍ତ୍ତୃତ୍ୱ ପ୍ରୟୋଗ କଲେ ସେମାନଙ୍କର ବିଶ୍ୱସନୀୟତା ଆହୁରି ଦୃଢ଼ ହୁଏ। ସ୍ୱାଧୀନତା ବଜାୟ ରଖିବା ପାଇଁ ନିର୍ବାଚନ କମିଶନଙ୍କୁ ଯାଞ୍ଚ କିମ୍ବା ପ୍ରଶ୍ନରୁ ଦୂରେଇ ରହିବାର ଆବଶ୍ୟକତା ନାହିଁ। ବରଂ, ପୂର୍ବାନୁମାନଯୋଗ୍ୟ ପ୍ରକ୍ରିୟା, ସୁଗମ ଓ ସ୍ପଷ୍ଟ ସୂଚନା, ଏବଂ ଯୁକ୍ତିସଙ୍ଗତ ବ୍ୟାଖ୍ୟା ଏହାର ସ୍ୱାଧୀନତାକୁ ଆହୁରି ବିଶ୍ୱସନୀୟ ଓ ପ୍ରତିଷ୍ଠିତ କରିପାରେ। ତେଣୁ ନିର୍ବାଚନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ କୌଣସି ପ୍ରତିଷ୍ଠାନ ଉପରେ ପ୍ରଶ୍ନହୀନ କିମ୍ବା ଅନ୍ଧ ବିଶ୍ୱାସ ଭାବେ ବୁଝିବା ଉଚିତ୍ ନୁହେଁ। ବରଂ, ଏହା ଏକ ଏପରି ଯୁକ୍ତିସଙ୍ଗତ ଆତ୍ମବିଶ୍ୱାସ, ଯେ ପ୍ରତିଷ୍ଠାନର ନିଜ ଦାୟିତ୍ୱ ପାଳନ କରିବାର ବୈଧ କ୍ଷମତା ରହିଛି, ତ୍ରୁଟି ଚିହ୍ନଟ ଓ ସଂଶୋଧନ ପାଇଁ ପ୍ରତିଷ୍ଠିତ ପ୍ରକ୍ରିୟା ରହିଛି, ଏବଂ ନିଜର ନିଷ୍ପତ୍ତି ଓ କାର୍ଯ୍ୟପଦ୍ଧତିକୁ ସ୍ପଷ୍ଟ ଭାବେ ବ୍ୟାଖ୍ୟା ଓ ସାର୍ବଜନୀନ ଯାଞ୍ଚ ପାଇଁ ଉପଲବ୍ଧ କରାଇବାରେ ଏହା ପ୍ରସ୍ତୁତ। ଏହି ଅର୍ଥରେ, ଜନବିଶ୍ୱାସ ଅନ୍ଧ ସମର୍ଥନ ଉପରେ ନୁହେଁ, ବରଂ ସ୍ୱଚ୍ଛତା, ଜବାବଦେହିତା ଓ ପ୍ରତିଷ୍ଠାନଗତ ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ଆଧାରିତ।

ଇସଲାମିକ୍ ସ୍କଲାର୍

# ଅପସଂସ୍କୃତି ବନାମ ସଂସ୍କୃତି

## ହିମାଂଶୁ ଶେଖର ଆଚାର୍ଯ୍ୟ

'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' - ପିଲାଙ୍କ ପଢାବହିରେ ଥିବା ଏହି ଉକ୍ତିଟି ଆଜି ଶିଶୁମାନସରୁ ଲିଭିଯିବାକୁ ବସିଲାଣି। କାଉ ଆମ ସଂସ୍କୃତି ଓ ଚଳଣୀର ଅଂଶ ହୋଇ ଆସିଛି କାହିଁ କେଉଁ କାଳରୁ । କୌଣସି ଶୁଭାଶୁଭ ମନାସିଲେ ପ୍ରଥମେ କାଉକୁ ଆଧାର ଦିଆଯିବାର ପରମ୍ପରା ରହିଛି । କେବଳ ସେତିକି ନୁହେଁ, ଆକାଶରେ ଜହ୍ନକୁ ଦେଖି ଶିଶୁ ପ୍ରାଣ ଆଉ ପୁଲକିତ ହେଉନାହିଁ। 'ଆ ଜହ୍ନମାମୁଁ ସରଗ ଶଶୀ - ମୋ କାହ୍ନୁ କୋଳରେ ପଡରେ ଖସି'ର ପ୍ରାଣମୟ ଆବେଦନ ହଜିଗଲାଣି ଟି.ଭି.ର କାର୍ଟୁନ୍ ଶୋ'ରେ । ବାଃ ବାଃ ବ୍ଲାକ୍‌ସିପ୍, ଟୁଇଁକିଲ୍ ଟୁଇଁକିଲ୍ ଲିଟିଲ ଷ୍ଟାର ଭିତରେ ଲୁଚି ଯାଉଛି ତା'ର କଳ୍ପନା। ସତୁରୀ ପ୍ରତିଶତ, ଅଶୀ ପ୍ରତିଶତ,ନବେ ପ୍ରତିଶତ ଅଙ୍କକଷା ଭିତରେ ସଙ୍କୁଚିତ ହୋଇଯାଇଛି ତା'ର ପ୍ରାଣର ବିସ୍ତାର । 'ଶଙ୍ଖଚିଲ ଭାଇ ନମସ୍କାର', 'ଜହ୍ନିଫୁଲ ଠୋ ଠା - କାକୁଡି ଫୁଲ ଠୋ ଠା' କହି ତାଳିମାରି ନାଚିପାରୁନି ସେ।

ଯୁବକଟି ଆଖିରୁ ହଜି ଗଲାଣି ସ୍ୱପ୍ନ । ଅର୍ଥରୂପୀ ସୁନାର ହରିଣୀ ପଛରେ ଧାଇଁ ଧାଇଁ ଦିଗହରା ହୋଇଛି ତା'ର ଇପ୍‌ସିତ ଲକ୍ଷ୍ୟ। ବିଦ୍ୟା ତା' ପାଇଁ କେବଳ ଅର୍ଥକରୀ - ସେ ବିଦ୍ୟାରେ ନାହିଁ ପରକୁ ଆପଣାର କରି ଗଢିତୋଳିବା - ଅନ୍ୟ ପାଇଁ ଲୁହ ଢାଳିବା - ସେଥିରେ ଅଛି ଆଭିଜାତ୍ୟର ମୋହ, ଲୋଭନୀୟ ପଦବୀର ଆସକ୍ତି, ମୋଟା ଅଙ୍କ ଦରମାର ଝୁଙ୍କ, ଆଧୁନିକ ଷ୍ଟାଟସ୍‌ର ଅହମିକା; ଆଉ ତାରି ଭିତରେ ମୂଳଚାଲ ହେଉଛି ତା'ର ଜୀବନ, ଯୌବନ ଆଉ ସ୍ୱପ୍ନ। ଏକଦା ଆମ ସଂସ୍କୃତିର ଧାରା ଥିଲା 'ବସୁଧୈବ କୁଟୁମ୍ବକମ୍' - 'ସର୍ବେ ଭବନ୍ତୁ ସୁଖୀନଃ' - 'ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ' । ଏସବୁ ଆଜି ଆଇ ମା' କାହାଣୀ ପରି ଲାଗୁଛି । ଆଧୁନିକତାର ଚାକଚକ୍ୟ ମଧ୍ୟରେ ସେ ସବୁ ବିବର୍ଜିତ ହୋଇ ପଡିରହିଛି ।

ସଭ୍ୟତାର ପ୍ରସାର ସହିତ ମଣିଷ କ୍ରମଶଃ ଦୂରେଇ ଯାଉଛି ନିଜ ସଂସ୍କୃତି ଠାରୁ । ଉପଭୋକ୍ତାବାଦ ମଣିଷକୁ ଆଉ ମଣିଷ ଅବସ୍ଥାରେ ରହିବାକୁ ଦେଉନାହିଁ । ଧନ ବଳରେ ନଷ୍ଟ ହୋଇଯାଉଛି ମୂଲ୍ୟବୋଧ। ଏହି ମୂଲ୍ୟବୋଧର ଅବକ୍ଷୟ ଅପସଂସ୍କୃତିକୁ ଡାକି ଆଣୁଛି ହାତଠାରି । ଫଳ ସ୍ୱରୂପ ଆମ ସାଂସ୍କୃତିକ ଜୀବନ ହୋଇଉଠିଛି ବିକଳାଙ୍ଗ । ଆଜି ଭାଗବତ ଘର ଡିଅରେ ମୁଣ୍ଡ ଟେକିଛି ଯୁବକ ସଂଘ, ମହିଳା ସମିତି। ଚାଟଶାଳୀ ଜାଗାରେ ଠିଆ ହୋଇଛି ଅଙ୍ଗନବାଡି, ବାପା ଏବେ ଡାଡି, ବୋଉ ମମି, ଆଉ ମାଉସୀ, ଖୁଡି, ମାଇଁ ଏମାନେ ସମସ୍ତେ ଆଣ୍ଟିରେ ଗଣା । ସେମିତି ଦାଦା, ମଉସା, ମାମୁଁ ଏମାନେ ସମସ୍ତେ ଅଙ୍କଲ । ନମସ୍କାର ଆଉ ପ୍ରଣାମ ବଦଳରେ ଟା,ଟା ବାଏବାଏ। ଏତ ଗଲା ଆମ ନିତିଦିନିଆ କଥା । ବାହାଘର, ବ୍ରତଘର ଓ ପୂଜା ପାର୍ବଣ କଥା ନ କହିଲେ ଭଲ । ବାହାଘରମାନଙ୍କରେ ବରଯାତ୍ରୀ ମେଳରେ ଚାଲିଛି ଉଦଣ୍ଡ ନୃତ୍ୟ। ମାଣବସା ଗୁରୁବାରରେ ଲକ୍ଷ୍ମୀ ପୁରାଣ କ୍ୟାସେଟ୍‌ରେ କାମ ଚଳିଯାଉଛି । ଏପରିକି ଅଷ୍ଟପ୍ରହରୀମାନଙ୍କରେ ବିଭିନ୍ନ ସିନେମା ଗୀତର ଧୂନ୍‌କୁ ଅନୁକରଣ କରାଯାଇ ନାମ ସଂକୀର୍ତ୍ତନ ଚାଲିଛି ।ଏବେ ଆମ ସଂସ୍କୃତିକୁ ଗତ କିଛି ବର୍ଷ ହେଲା ଧସେଇ ପସିଛି କାଉଡିଆ ସଂସ୍କୃତି । କାହିଁ କେଉଁ କାଳରୁ ଶିବ ଉପାସନା ଆମ ସଂସ୍କୃତିରେ ପ୍ରଚଳିତ ଥିଲେହେଁ ଏବେ ତାହାକୁ ଆଧାର କରି କାଉଡିଆ ମାନଙ୍କର ଭିଡ କାହିଁରେ କ'ଣ। ଯେଉଁଠି ଦେଖିବ ରାସ୍ତାରେ କାଉଡି ଧରି ଆବାଳ ବୃଦ୍ଧବନିତା ଚାଲିଛନ୍ତି ଶୈବ ପିଠକୁ। ଏଠାରେ ଭକ୍ତି ଅପେକ୍ଷା ମସ୍ତି ବେଶି । ନିକଟରେ ଏକ ବହୁ ଚର୍ଚ୍ଚିତ ଘଟଣା ଆମ ସଂସ୍କୃତିକୁ ଆହୁରି ବିକୃତ କରିଛି । ଦେହର ଭୋକ ମେଣ୍ଟାଇବା ପାଇଁ ଏବର ବହୁ ମଣିଷ ନିଜର ବିବେକ ପଣିଆକୁ ପାଶୋରି ଅବାଟରେ ବାଟ ଦେବା ଆମ ନଗ୍ନ ମାନସିକତାର ଖୋଲା ପରିପ୍ରକାଶ କହିଲେ ଭୁଲ ହେବ ନାହିଁ ।ଉତ୍ତର ପିଢିର ପିଲାଙ୍କ ପାଇଁ ଆମେ କଣ ଏହି ଆର୍ଦଶ ଛାଡି ଦେଇଯିବା ? ଏଦିଗରେ ଗଭୀର ଭାବେ ଚିନ୍ତା କରିବାର ଅଛି । ଭଗବାନ କରନ୍ତୁ ଅନିତୀ ବଦଳରେ ନିତୀ ,ଅନୈତିକତା ବଦଳରେ ନୈତିକତା ସହ ମୂଲ୍ୟବୋଧ ଆମ ଜୀବନର ମାନଦଣ୍ଡ ହେବା ବିଧେୟ ।

ନାଚ, ଗୀତ କଥା ଆହୁରି ତଦ୍ରୁପ। ଆମ ଓଡ଼ିଶୀ ନାଚ ଆମକୁ ଭଲ ଲାଗୁନି। ରେକର୍ଡ ଡ୍ୟାନ୍ସର ଯୁଗ ଏବେ। ବିଭିନ୍ନ ମଞ୍ଚ, ସାଂସ୍କୃତିକ ଅନୁଷ୍ଠାନ ଠାରୁ ଆରମ୍ଭ କରି ଗଣନାଟ୍ୟ ପର୍ଯ୍ୟନ୍ତ ସବୁଠି ଏହାର ଛାପ । ଏପରିକି ଟିଭି ଚ୍ୟାନେଲରେ ଜାତୀୟ ସ୍ତରଠାରୁ ଆରମ୍ଭ କରି ଆମ ଓଡିଆ ଟି.ଭି.ଚ୍ୟାନେଲ ପର୍ଯ୍ୟନ୍ତ ସବୁଠି କାୟା ବିସ୍ତାର କରିଚାଲିଛି ଏହି ଡ୍ୟାନ୍ସ ଧମାକା । ଏ ସବୁ ଦେଖିବାକୁ ଉତ୍କଣ୍ଠିତ ଆମ ଯୁବ ସମାଜ। ଅଭିଭାବକମାନେ ବି ଏହି ମାନିଆରୁ ମୁକ୍ତ ନୁହଁନ୍ତି। ଗୀତ ତ ଏଠି ପଣ୍ୟ ଦ୍ରବ୍ୟ । ବେପାରୀ ଚିନ୍ତାଚେତନା ନେଇ ଏଠି ପ୍ରସ୍ତୁତ ହେଉଛି ଭଜନ, ଜଣାଣ ଓ ଆଧୁନିକ ଗୀତର କ୍ୟାସେଟ୍ । ଦ୍ୱିଅର୍ଥବୋଧକ ଶବ୍ଦ ସଂଯୋଜନା ଓ ଚାଲୁ ସ୍ୱର ଏଠି ହୋଇଛି ଭଲ ସଙ୍ଗୀତର ମାପକାଠି।

ଖାଲି ସେତିକି ନୁହେଁ, ଟି.ଭି. ଚ୍ୟାନେଲ୍‌ରେ ରିୟଲିଟି ଶୋ'ର ଚାହିଦା ମଧ୍ୟ କାହିଁରେ କ'ଣ। ଏହି ରୁଚି ଭିତରେ ଆମର ମହାନ୍ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅଣନିଶ୍ୱାସୀ ହୋଇପଡୁଛି । ଅର୍ଥ ଲୋଭରେ ଓ ରାତାରାତି ଚର୍ଚ୍ଚାର ପରିସରକୁ ଆସିବା ପାଇଁ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ବ୍ୟଗ୍ର ହୋଇଉଠୁଛନ୍ତି। ଏଠି ମନେପଡେ ଏକ ଉକ୍ତି - "ଚନ୍ଦ୍ରର ପଛ ଭାଗ ଭଳି ପ୍ରତି ମଣିଷର ଏକ ଅନ୍ଧାରିଆ ଦିଗ ଅଛି, ଯାହା ସେ ନିଜେ ଦେଖିବାକୁ ଚାହେଁନି"। ତାହା ହିଁ ସତ ।ଏବେ ପୁଣି ଭିନ୍ନ ଏକ ଅନୁକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ତାହା ହେଉଛି ରୁମାଲ ବନ୍ଧା ସଂସ୍କୃତି। ଦୁଇ ଚକିଆ ଯାନରେ ଗଲାବେଳେ ଝିଅମାନେ ମୁହଁରେ ଆଖି ତଳକୁ ରୁମାଲ ବାନ୍ଧି ଯିବାର ଦେଖିବାକୁ ମିଳୁଛି । କେବଳ ସହର ମାନଙ୍କରେ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଏ ସବୁ ଦୃଶ୍ୟ ଦେଖିବାକୁ ମିଳୁଛି। ଧୂଳି ସଂକ୍ରମଣ ପାଇଁ ହେଉ ବା ଅନ୍ୟମାନଙ୍କ କୁନଜରରୁ ରକ୍ଷା ପାଇବା ପାଇଁ ହେଉ ବା ନିଜର ଆତ୍ମୀୟ ସ୍ୱଜନ ମାନଙ୍କର ଦୃଷ୍ଟିକୁ ଏଡାଇବା ପାଇଁ ହେଉ ଏଭଳି ଘଟଣା ବଢି ବଢି ଚାଲିଛି। ସତେ ଯେମିତି ଏହା ଏକ ଫେସନରେ ପରିଣତ ହୋଇଗଲାଣି । ଅବସ୍ଥା ଏପରି ହୋଇଛି ଯେ, ବାପା ଆଗରେ ଝିଅ ଚାଲିଗଲେ ମଧ୍ୟ ବାପା ଝିଅକୁ ଜାଣି ପାରୁନାହିଁ । ଆଧୁନିକତାର ଦ୍ୱାହି ଦେଇ ଆମେ ଆଗକୁ ଚାଲୁଥିବା ବେଳେ ସଂଖ୍ୟାଲଘୁ ସଂପ୍ରଦାୟର ପରଦା ପ୍ରଥା ଭଳି ସାଂପ୍ରତିକ ସମୟରେ ଏପରି ଆଭିମୁଖ୍ୟ କେତେଦୁର ଗ୍ରହଣୀୟ ସେକଥା ଚିନ୍ତା କରିବାର ଅଛି । ଅବଶ୍ୟ ମହାମାରୀ କରୋନା ସମୟରେ ଆମେ ସମସ୍ତେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରାୟ ଦୁଇ ବର୍ଷ ଧରି ମୁହଁରେ ମାସ୍କ ବା ତୁଣ୍ଡି ପରିଧାନ କରିଥିଲେ। ଏହା ଥିଲା ସମୟର ଆବଶ୍ୟକତା । ଏବେବି କେହି କେହି ମୁହଁରେ ମଧ୍ୟ ମାସ୍କ ଲଗାଉଛନ୍ତି । କେହି କେହି ଏହାକୁ ତୁଣ୍ଡି ବନ୍ଧା ସଂସ୍କୃତି ବୋଲି କହିଲେ । ମାଳିକା ବଚନର ଉଦାହରଣ ବି ଦେଲେ ।

ପୂଜ୍ୟପୂଜା ଆଉନାହିଁ। ଅପୂଜ୍ୟକୁ ପୂଜା କରିବା 'ବିଧି'ରେ ପରିଣତ ହୋଇଛି। ଅନେକ ପୂଜ୍ୟ ବରପୁତ୍ର ଆଜି ଅବହେଳିତ । କେଉଁଠି ସେମାନେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି ତ ଆଉକେଉଁଠି ସେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାଯାଉଛି । ସେହି ବରପୁତ୍ର ମାନେ ସିନା ଆଜି ନାହାଁନ୍ତି.ହେଲେ ପ୍ରତିମୂର୍ତ୍ତି ଗୁଡିକୁ ସୁରକ୍ଷା ଦେବା ସହ ସେମାନଙ୍କ ସ୍ମୃତିକୁ ସାଉଁଟି ରଖିବାର ସମୟ ଆସିଛି । କେବଳ ଜୟନ୍ତୀ ଓ ଶ୍ରାଦ୍ଧପାଳନରେ ସୀମିତ ରହିଛନ୍ତି ଅନେକ ଯୋଗଜନ୍ମା ବରପୁତ୍ର । ବାସ୍ତବରେ ଏଥିପ୍ରତି କାହାରି ନିଘା ନାହିଁ। ସେହିପରି ଉପାଧିକୁ ନେଇ ଅନେକ ବିତର୍କ ମୁଣ୍ଡ ଟେକିବାରେ ଲାଗିଛି । ରାଜ୍ୟ ସ୍ତରରେ ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ପଦ୍ମଶ୍ରୀ,ପଦ୍ମଭୂଷଣ,ଜ୍ଞାନପୀଠ ଏପରିକି ସର୍ବୋଚ୍ଚ ଉପାଧି ଭାରତ ରତ୍ନ ପର୍ଯ୍ୟନ୍ତ ସବୁଠି ଏକା କଥା। ଏପରିକି କେତେକ କ୍ଷେତ୍ରରେ ଏହାକୁ ନେଇ ଘଟଣା କୋର୍ଟ ପରିସରକୁ ଯାଉଛି । ଫଳରେ ଉପାଧିର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି।

ସେଦିନ ମାଣିକ ଗଉଡୁଣୀ କଳାଧଳା ଘୋଡାରେ ଯାଉଥିବା ଦୁଇଜଣ ଦିବ୍ୟ ପୁରୁଷଙ୍କୁ ଦହି ପୋଷେ ପୋଷେ ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇଥିଲା । କାରଣ ସେଥିରେ ଥିଲା ଆମ ସଂସ୍କୃତିରେ ସ୍ନେହ ଓ ଆତିଥ୍ୟର ଉଦାରଭାବ, 'ଅତିଥି ଦେବୋଭବ'ର ପରମ୍ପରା। ଏକଥା ସିନା ମାଣିକ ଗଉଡୁଣୀ ବୁଝିଥିଲା, କିନ୍ତୁ ନିଜର ପଦପଦବୀ ଓ ସ୍ୱୀକୃତିକୁ ନେଇ ଡିଣ୍ଡିମ ପିଟୁଥିବା ଏବର ବିଜ୍ଞ ମଣିଷମାନେ ଏକଥା ବୁଝୁନାହାଁନ୍ତି । ଏହାହିଁ ବିଡମ୍ବନା!

ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୩୩୭୨୨୧୯୨୪

# ଲୋକ ନାୟକ ଜୟପ୍ରକାଶଙ୍କ ୧୨୪ତମ ଜୟନ୍ତୀ




ଭୁବନେଶ୍ୱର ୧୨/୧୦::ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ଏକଛତ୍ରବାଦ, ଦୁର୍ନୀତି ବିରୋଧୀ ଆନ୍‌ଦୋଳନର ମହାନାୟକ, ଯୁବ ଛାତ୍ରମାନଙ୍କର ଆଦର୍ଶ ଲୋକ ନାୟକ ଜୟ ପ୍ରକାଶ ନାରାୟଣଙ୍କ ୧୨୪ତମ ଜୟନ୍ତୀ ଆଜି ଓବିସି ଫୋରମ ଆନୁକୂଲ୍ୟରେ ପାଳିତ ହୋଇଯାଇଛି. ଓବିସି ଫୋରମର ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱ ରେ ଫୋରମର କର୍ମୀମାନେ ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଜୟପ୍ରକାଶଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ. ଅଧ୍ୟକ୍ଷ ଶ୍ରୀ ବେହେରା ଆଜି ଦୁର୍ନୀତି, ଦରଦାମ ବୃଦ୍ଧି, ବେକାରୀ ଓ ଏକଛତ୍ରବାଦ ବିରୁଦ୍ଧରେ ଏରଭ ତ ମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ. ଅନ୍ୟମାନଙ୍କ ମଧ୍ୟରେ ଫୋରମର ସମ୍ପାଦକ ନାରାୟଣ ଡ଼ାଲୁଆ, ଅଧ୍ୟାପକ ଶିଶିର ଦାସ ।ଯୁବନେତା ରାଜ୍ୟପ୍ରିୟ ଦାସ ପ୍ରମୁଖ ଲୋକ ନାୟକଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ସ୍ୱାଧୀନତା ଆନ୍ଦୋଳନର ଦୁଇ ମହାନ ସିପାହୀ ଲୋକନାୟକ ଜୟପ୍ରକାଶ ଓ ବିପ୍ଳବୀ ମନମୋହନ ଚୌଧୁରୀଙ୍କ ଜୟନ୍ତୀ ପାଳିତ




ଭୁବନେଶ୍ୱର୧୨/୧୦: ଆଜି ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନେ କେବଳ ଶାସକ ସାଜି ନାହାଁନ୍ତି କି କେବଳ ରାଜନୀତି କରୁ ନାହାଁନ୍ତି। ବରଂ ସେମାନେ ଭାରତକୁ ଅନ୍ୟ ଏକ ଦିଗକୁ ନେଇଯିବା ପାଇଁ ପ୍ରଚ୍ଛନ୍ନ ଭାବରେ କାର୍ଯ୍ୟ କରୁଛନ୍ତି। ତାହା ହେଉଛି ଭାରତକୁ ହିନ୍ଦୁ ରାଷ୍ଟ୍ର ରୂପେ ଘୋଷଣା କରିବା। ହିନ୍ଦୁ ରାଷ୍ଟ୍ରର ଅର୍ଥ ହେଉଛି, ଭାରତରେ ବର୍ଣ୍ଣ ବ୍ୟବସ୍ଥା ପୁନଃ ସ୍ଥାପିତ ହେବ ଓ ଅନ୍ୟ ଧର୍ମାବଲମ୍ବୀ ସମୁଦାୟ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବରେ ଜୀବନ ଜିଇଁବେ। ସେମାନଙ୍କ ମତରେ ଗଣତନ୍ତ୍ର, ଧର୍ମନିରପେକ୍ଷତା ତଥା ସଂଘୀୟ ବ୍ୟବସ୍ଥା ହେଉଛି ଏକ ବିଦେଶୀ ଦର୍ଶନ, ଯାହାକୁ ହଟାଇବା ସେମାନଙ୍କର ଉଦ୍ଦେଶ୍ୟ । ଆଜି ଭାରତର ସମ୍ବିଧାନ ତାହାର ଜନତାଙ୍କୁ ନାଗରୀକ ଭାବରେ ଗ୍ରହଣ କରିଛି। ହେଲେ ହିନ୍ଦୁ ରାଷ୍ଟ୍ରରେ ସେମାନେ ନାଗରିକ ବଦଳରେ ପ୍ରଜା ଭାବରେ ବଞ୍ଚିବେ। ପ୍ରଜାମାନେ ଯେମିତି ରାଜାଙ୍କ ମର୍ଜିରେ ଜୀବନ ବଞ୍ଚନ୍ତି, ସେମିତି ଆଜିର ଶାସକ ନାଗରିକମାନଙ୍କୁ ସ୍ୱାବଲମ୍ବୀ କରିବା ବଦଳରେ ପ୍ରଜା ଭଳି ସେମାନଙ୍କୁ ଚାଉଳ ଟଙ୍କା ଦେଇ ସନ୍ତୁଷ୍ଟ କରିବାକୁ ପ୍ରୟାସ କରୁଛନ୍ତି। ଭାରତ ହେଉଛି ସେହି ଦେଶ, ଯେଉଁଠି ଜାତି ଧର୍ମ ଲିଙ୍ଗ ନିର୍ବିଶେଷରେ ସମସ୍ତ ସାବାଳକଙ୍କୁ ଭୋଟ ଦାନର ଅଧିକାର ଏକା ସାଙ୍ଗରେ ମିଳିଥିଲା। ହେଲେ ଆଜି ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସ୍ୱିଡେନର ଭେରାଇଟିଜ ଅଫ ଡେମୋକ୍ରାସୀ ସଂସ୍ଥା ଏହାକୁ 'ନିର୍ବାଚନୀ ଏକଛତ୍ରବାଦ' ବୋଲି ଅଭିହିତ କରିଛି ବୋଲିଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୪ତମ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ ନେତା ବିପ୍ଳବୀ ମନମୋହନ ଚୌଧୁରୀଙ୍କ ୧୧୧ତମ ଜୟନ୍ତୀ ଅବସରରେ'ଭାରତର ଗଣତନ୍ତ୍ରରୁ ଜଣତନ୍ତ୍ରକୁ ଯାତ୍ରା' ଶୀର୍ଷକ ଆଲୋଚନା ସଭାରେ ପ୍ରଫେସର ପ୍ରଫେସର ବୀରେନ୍ଦ୍ର ନାୟକ ମୁଖ୍ୟ ବକ୍ତା ଭାବରେ ମତବ୍ୟକ୍ତ କରିଛନ୍ତି।

ଲୋକନାୟକ ଜୟପ୍ରକାଶ ଅନ୍ତର୍ଜାତୀୟ ଅଧ୍ୟୟନ ବିକାଶ କେନ୍ଦ୍ର, ଜୟପ୍ରକାଶ ଫାଉଣ୍ଡେସନ, ମନମୋହନ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ଲୋହିଆ ଏକାଡ଼ମୀ ପକ୍ଷରୁ ମିଳିତ ଭାବରେ ଲୋହିଆ ଏକାଡ଼ମୀ ପରିସରରେ ପ୍ରାକ୍ତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଲୋହିଆ ଏକାଡ଼ମୀର ସମ୍ପାଦକ ଦେବପ୍ରସାଦ ରାୟ, ଲୋକଶକ୍ତି ଅଭିଯାନର ଲକ୍ଷ୍ମୀପ୍ରିୟା ମହାନ୍ତି, ଜୟପ୍ରକାଶ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ପ୍ରଭାସ ସାମନ୍ତରାୟ, ପ୍ରସନ୍ନ ବିଶୋଇ, ଶୋଭନ କର, ପଞ୍ଚାନନ ପ୍ରଧାନ, ଶୁଭେନ୍ଦୁ କାନୁନଗୋ, ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ।ଏହି ସଭାରେ ମନମୋହନ ଚୌଧୁରୀ ସ୍ମାରକ ଟ୍ରଷ୍ଟର ସମ୍ପାଦକ ଡାକ୍ତର ବିଶ୍ୱଜିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଜି ସକାଳେ ଲୋକନାୟକ ଜୟପ୍ରକାଶ ଅନ୍ତର୍ଜାତୀୟ ଅଧ୍ୟୟନ ବିକାଶ କେନ୍ଦ୍ର ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ଥିବା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

# ଓଡ଼ିଶାର ମହାବିଦ୍ୟାଳୟଗୁଡ଼ିକରେ ଅଭାବିପର ବଡ଼ ସଫଳତା, ୬୦ଟି ମହାବିଦ୍ୟାଳୟର ୨୫୨ଟି ପଦବୀରେ ନିର୍ବିରୋଧ ବିଜୟ

ଭୁବନେଶ୍ୱର ,୧୨/୧୦:ଓଡ଼ିଶାରେ ଆଗାମୀ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଅଭାବିପ) ଏକ ବଡ଼ ସଫଳତା ହାସଲ କରିଛି। ରାଜ୍ୟର ୬୦ଟି ମହାବିଦ୍ୟାଳୟରେ ଅଭାବିପର ପ୍ରାର୍ଥୀମାନେ ୨୫୨ଟି ପଦବୀରେ ନିର୍ବିରୋଧ ନିର୍ବାଚିତ ହୋଇଛନ୍ତି। ଏଥିରେ ୧୨ଟି ସଭାପତି, ୧୭ଟି ସାଧାରଣ ସମ୍ପାଦକ, ୨୨ଟି ଉପସଭାପତି ଏବଂ ୨୩ଟି ଯୁଗ୍ମ ସମ୍ପାଦକ ପଦବୀ ଅନ୍ତର୍ଭୁକ୍ତ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ପରେ ଏହି ପଦବୀଗୁଡ଼ିକ ପାଇଁ ଅନ୍ୟ କୌଣସି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ରହିନଥିଲେ। ଅନେକ ମହାବିଦ୍ୟାଳୟରେ କଂଗ୍ରେସ ସମର୍ଥିତ ଘଝଟଓ ଏବଂ ବିଜୁ ଜନତା ଦଳ ସମର୍ଥିତ ଈଉଔଉ ମଧ୍ୟ ପ୍ରାର୍ଥୀ ଦେବାରେ ବିଫଳ ହୋଇଛନ୍ତି। ଏହା ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ହାସଲ କରିବା କ୍ଷେତ୍ରରେ ରାଜନୈତିକ ଦଳ ସମର୍ଥିତ ଛାତ୍ର ସଂଗଠନଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦର୍ଶାଉଛି। ଅନ୍ୟପକ୍ଷରେ, ବର୍ଷସାରା ଛାତ୍ରଛାତ୍ରୀଙ୍କ ସହ ନିରନ୍ତର ସମ୍ପର୍କ ଓ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ନିରନ୍ତର ପ୍ରୟାସ ମାଧ୍ୟମରେ ଅଭାବିପ ନିଜର




ସ୍ଥିତିକୁ ଆହୁରି ସୁଦୃଢ଼ କରିଚାଲିଛି।

ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ଅଭାବିପ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଭାବିପ ସଭାପତି, ନାଟ୍ୟ ସମ୍ପାଦକ ଏବଂ ସାଂସ୍କୃତିକ ସମ୍ପାଦକ ପଦବୀରେ ବିଜୟୀ ହୋଇଛି। ଏହା ସହିତ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ଧର୍ମଶାଳା ଡିଗ୍ରୀ ମହାବିଦ୍ୟାଳୟ, ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଡିଗ୍ରୀ ମହାବିଦ୍ୟାଳୟ, ବ୍ରହ୍ମପୁରର ଚିକିଟି ଡିଗ୍ରୀ ମହାବିଦ୍ୟାଳୟ, ବୁଗୁଡ଼ାସ୍ଥିତ ପିପୁଲ୍ସ ଡିଗ୍ରୀ ମହାବିଦ୍ୟାଳୟ ଏବଂ ହିନ୍‌ଦୋଳର ଖଜୁରିକଟା ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ପ୍ରମୁଖ ପଦବୀରେ ଅଭାବିପ ବିଜୟ ହାସଲ କରିଛି। ଦିଲ୍ଲୀ, ପଞ୍ଜାବ, କେରଳ ଏବଂ ଆସାମ ସମେତ ବିଭିନ୍ନ ରାଜ୍ୟରେ ଅଭାବିପର ନିର୍ବାଚନୀ ସଫଳତା ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗଠନର ବଢୁଥିବା ଗ୍ରହଣୀୟତାକୁ ପ୍ରତିଫଳିତ କରୁଛି।

ଅଭାବିପର ଜାତୀୟ ସମ୍ପାଦକ ଶ୍ରବଣ ବି. ରାଜ କହିଛନ୍ତି, 'ଓଡ଼ିଶାରେ ଅଭାବିପର ଲଢେଇ କଂଗ୍ରେସ ଓ ବିଜୁ ଜନତା ଦଳର ସେହି ରାଜନୈତିକ ଦୃଷ୍ଟିକୋଣ ବିରୋଧରେ, ଯେଉଁଠାରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଅପେକ୍ଷା ରାଜନୈତିକ ଗଣିତକୁ ଅଧିକ ପ୍ରାଧାନ୍ୟ ଦିଆଯାଏ। ଘଝଟଓ ଓ ଈଉଔଉ ପଛରେ ରାଜନୈତିକ ସମର୍ଥନ ଥିବା ସତ୍ତ୍ୱେ ଅନେକ ମହାବିଦ୍ୟାଳୟରେ ପ୍ରାର୍ଥୀ ଦେବାରେ ସେମାନଙ୍କ ବିଫଳତା ପ୍ରମାଣ କରୁଛି ଯେ କେବଳ ରାଜନୈତିକ ସମ୍ପର୍କ କିମ୍ବା ସମର୍ଥନ ଛାତ୍ର ରାଜନୀତିରେ ସଫଳତା ପାଇଁ ଯଥେଷ୍ଟ ନୁହେଁ। ଛାତ୍ରଛାତ୍ରୀଙ୍କ ସହ ନିରନ୍ତର ସମ୍ପର୍କ ରଖିବା ଏବଂ ସେମାନଙ୍କ ବିଶ୍ୱାସ ଜିତିବା ହିଁ ସଫଳତାର ପ୍ରକୃତ ଆଧାର। ଅଭାବିପର କାର୍ଯ୍ୟକର୍ତ୍ତାମାନେ ବର୍ଷସାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହି ସେମାନଙ୍କ ସମସ୍ୟା ବୁଝିବା ସହ ତାହାର ସମାଧାନ ପାଇଁ ନିରନ୍ତର ପ୍ରୟାସ କରନ୍ତି। ଅନ୍ୟପକ୍ଷରେ, କିଛି ସଂଗଠନ କେବଳ ନିର୍ବାଚନ ସମୟରେ ସକ୍ରିୟ ହୋଇଥିବା ଦେଖିବାକୁ ମିଳେ। ରାଜ୍ୟର ୬୦ଟି ମହାବିଦ୍ୟାଳୟର ୨୫୨ଟି ପଦବୀରେ ଅଭାବିପ ପ୍ରାର୍ଥୀଙ୍କ ନିର୍ବିରୋଧ ବିଜୟ ଆମର ଏହି କାର୍ଯ୍ୟଶୈଳୀ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗଠନ ପ୍ରତି ଥିବା ବିଶ୍ୱାସର ପ୍ରମାଣ। ଅଭାବିପ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ ନିରନ୍ତର କାର୍ଯ୍ୟ କରିଚାଲିବ ଏବଂ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ମଧ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାପକ ସମର୍ଥନ ମିଳିବ ବୋଲି ଆମର ଦୃଢ଼ ବିଶ୍ୱାସ।'

ଅଭାବିପ ଓଡ଼ିଶା ପୂର୍ବର ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି, 'ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ଅଭାବିପର ସଫଳତା ହେଉଛି କାର୍ଯ୍ୟକର୍ତ୍ତାମାନଙ୍କ କଠିନ ପରିଶ୍ରମ, ନିରନ୍ତର ସକ୍ରିୟତା ଏବଂ ବର୍ଷସାରା ଛାତ୍ରଛାତ୍ରୀଙ୍କ ସହ ରହିଥିବା ଘନିଷ୍ଠ ସମ୍ପର୍କର ପରିଣାମ। ଅଭାବିପର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା କ୍ୟାମ୍ପସରେ ନିରନ୍ତର ସକ୍ରିୟ ରହି ଛାତ୍ରଛାତ୍ରୀଙ୍କ ସମସ୍ୟା ଉଠାଇବା ସହ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରନ୍ତି। ଛାତ୍ରଛାତ୍ରୀଙ୍କ ବିଶ୍ୱାସ ହେଉଛି ଅଭାବିପର ସବୁଠାରୁ ବଡ଼ ଶକ୍ତି ଏବଂ ଏହି ନିର୍ବିରୋଧ ବିଜୟ ସେହି ବିଶ୍ୱାସର ପ୍ରତିଫଳନ। ଛାତ୍ରଛାତ୍ରୀଙ୍କ ଆସ୍ଥା ଓ ସମର୍ଥନ ଆଧାରରେ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ଅଭାବିପ କାର୍ଯ୍ୟକର୍ତ୍ତାମାନେ ଉଲ୍ଲେଖନୀୟ ବିଜୟ ହାସଲ କରିବେ ବୋଲି ଆମର ଦୃଢ଼ ବିଶ୍ୱାସ। ଏଥିସହ ଛାତ୍ରଛାତ୍ରୀଙ୍କ କଲ୍ୟାଣ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ଦୃଢ଼ତାର ସହ ଉଠାଇବା ଏବଂ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଅଭାବିପ ନିରନ୍ତର କାର୍ଯ୍ୟ କରିବ।'

## ସମ୍ବଲପୁରରେ ମହାରାଜା ଅଗ୍ରସେନ ଜୀଙ୍କ ଜୟନ୍ତୀ ସମାରୋହ

# ମହାରାଜା ଅଗ୍ରସେନ ଜୀ ଥିଲେ ମାନବିକତାର ଦିଗଦର୍ଶକ - ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୧୨/୧୦: ମହାନ ପୁରୁଷ ମହାରାଜା ଅଗ୍ରସେନ ଜୀ ଥିଲେ ସାମାଜିକ ସମାନତାର ପ୍ରତୀକ ତଥା ମାନବିକତାର ଦିଗଦର୍ଶକ । ସେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସମାଜ ବା ଶ୍ରେଣୀର ମୁଖ୍ୟ ନଥିଲେ; ସେ ଥିଲେ ସମଗ୍ର ମାନବଜାତି ପାଇଁ ସାମାଜିକ ନ୍ୟାୟ, ଅହିଂସା, ସତ୍ୟ, ବାଣିଜ୍ୟିକ ସମୃଦ୍ଧି ଏବଂ ଭାଇଚାରାର ଏକ ଚିରନ୍ତନ ପ୍ରତୀକ । ଶାନ୍ତି, ସମୃଦ୍ଧି ଏବଂ ସମାନତା ଉପରେ ଆଧାରିତ ଏକ ଆଦର୍ଶ ସମାଜ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ମାର୍ଗ ଦେଖାଇଥିଲେ, ତାହା ଆଜି ବି ବିଶ୍ୱ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି କହିଛନ୍ତି ସମ୍ବଲପୁରର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସମ୍ବଲପୁରରେ ଅଗ୍ରସେନ ଜୟନ୍ତୀ ସମିତି, ଖେତରାଜପୁର, ଦୁର୍ଗା ମଙ୍ଗଳମ, ଖେତରାଜପୁର ଏବଂ ମାରୱାଡ଼ି ଧର୍ମଶାଳା, ପୁରୁଣା ବସ୍ତି ଦ୍ୱାରା ଆୟୋଜିତ ପୃଥକ ମହାରାଜା ଅଗ୍ରସେନ ଜୀଙ୍କ ପବିତ୍ର ଜୟନ୍ତୀ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ ଅଗ୍ରସେନ ଜୀଙ୍କୁ ପ୍ରଣାମ ଜଣାଇଥିଲେ । ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ସମାଜ ପାଇଁ ଆମ ସମସ୍ତଙ୍କର ଏକ ବଡ଼ ଉତ୍ତରଦାୟିତ୍ୱ ରହିଛି । ଆମକୁ ସମୂହ ତଥା ସମୁଦାୟ ପାଇଁ ବଞ୍ଚିବାକୁ ହେବ । ଘରର ପରମ୍ପରା ପରି ସମାଜ ପ୍ରତି ମଧ୍ୟ ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି ।

ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଗତକାଲି ସ୍ୱଚ୍ଛତା ଅଭିଯାନରେ ସମ୍ବଲପୁର ଦେଶରେ ଏକ ନୂଆ ଇତିହାସ ରଚିଛି ।

୫୦୦ରୁ ଅଧିକ ସ୍ଥାନରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ସବୁ ବର୍ଗର ଲୋକ ସାମିଲ ହୋଇ ଏହି ଅଭିଯାନକୁ ସଫଳ କରିଛନ୍ତି। ଏହା ହିଁ ନାଗରିକ ଦାୟିତ୍ୱର ଶ୍ରେଷ୍ଠ ଉଦାହରଣ । ଏହି ପରିପ୍ରେକ୍ଷୀରେ ମହାରାଜା ଅଗ୍ରସେନ ଜୀଙ୍କ ଜୟନ୍ତୀ ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରବାସୀଙ୍କୁ ଆହ୍ୱାନ ଦେଇ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ କମ୍ କରିବା, ନବଜାତ ଶିଶୁ ଏବଂ ମା'ମାନଙ୍କ ପୋଷଣ ଉପରେ ବିଶେଷ ଧ୍ୟାନ ଦେବା ପାଇଁ କହିଛନ୍ତି । ସାମାଜିକ ସଂକଳ୍ପଗୁଡ଼ିକୁ ଆପଣାଇବା ହିଁ ମହାରାଜା ଅଗ୍ରସେନ ଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ପ୍ରକାଶ କରିଥିଲେ ।

ବିଗତ ୧୨ ବର୍ଷ ଧରି ସାରା ଦେଶ ଭ୍ରମଣ କରିବାର ଅନୁଭୂତି ସେୟାର କରିବା ସହ ଶ୍ରୀ ପ୍ରଧାନ କହିଥିଲେ ଯେ, ବିଗତ ଅଢେଇ ବର୍ଷ ଧରି ସମ୍ବଲପୁରର ସାଂସଦ ଭାବେ ସେବା କରିବା ତାଙ୍କ ପାଇଁ ପରମ ସୌଭାଗ୍ୟର ବିଷୟ। ସମ୍ବଲପୁରର ବିକାଶ ହେଲେ ହିଁ ଓଡ଼ିଶା ଆଗେଇବ ଏବଂ ଓଡ଼ିଶାର ପ୍ରଗତି ହେଲେ ହିଁ ଭାରତ ବୃଦ୍ଧି ପାଇବ ।

ଶେଷରେ ଶ୍ରୀ ପ୍ରଧାନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଗାମୀ ପବିତ୍ର ଦଶହରା ଏବଂ ଦୀପାବଳିର ଅଗ୍ରୀମ ଶୁଭେଚ୍ଛା ଜଣାଇଥିଲେ ।

# ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ ଦିଲ୍ଲୀର ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଦମନ ବିରୋଧରେ ଇଣ୍ଡିଆ ବ୍ଲକ୍‌ର ପ୍ରତିବାଦ ଓ ବିକ୍ଷୋଭ

ଭୁବନେଶ୍ୱର ୧୨/୧୦: :ଦେଶରେ ଗଣତନ୍ତ୍ରର ସୁରକ୍ଷା ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ ଗତ ୧୦ ଅକ୍ଟୋବରରେ ଦିଲ୍ଲୀର ଜନ୍ତରମନ୍ତରରେ ଆୟୋଜିତ ଆନ୍ଦୋଳନ ଉପରେ ପୋଲିସର ଦମନ ମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆଜି ଭୁବନେଶ୍ୱରଠାରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳମାନଙ୍କ ପକ୍ଷରୁ ମିଳିତ ଭାବେ ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପ୍ରତିବାଦରେ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନବାଦୀ) ଲିବରେସନ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଏନସିପି ଓ ଆରଜେଡି ଆଦି ଦଳ ସାମିଲ ହୋଇଥିଲେ।

ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରୁ ଇଣ୍ଡିଆ ବ୍ଲକ୍‌ର ଏକ ମିଳିତ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲା। ସେଠାରେ ଏକ ଶକ୍ତିଶାଳୀ ବିକ୍ଷୋଭ ପ୍ରଦର୍ଶନ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭାରେ ବକ୍ତାମାନେ କହିଥିଲେ ଯେ, ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ କରିବା ପାଇଁ ଦେଶର ଗୃହ ମନ୍ତ୍ରଣାଳୟ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରି ଦିଲ୍ଲୀକୁ ଏକପ୍ରକାର ସେନା ଛାଉଣୀରେ ପରିଣତ କରିଦେଇଥିଲା। ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟାଳୟଗୁଡ଼ିକୁ ପୋଲିସ ଘେରାବନ୍ଦୀ କରି ରଖିଥିଲା। ବିଭିନ୍ନ ରାସ୍ତାରେ ବ୍ୟାରିକେଡ୍ ଲଗାଯିବା ସହ ଦେଶର ରାଜଧାନୀ ଦିଲ୍ଲୀକୁ ଆସୁଥିବା ଲୋକମାନଙ୍କୁ ଟ୍ରେନ, ମେଟ୍ରୋ ଓ ବିମାନରୁ ଓହ୍ଲାଇବା ପରେ ଗିରଫ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲାଠିଚାଳନା ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା। ଛାତ୍ରଛାତ୍ରୀ, ବିଭିନ୍ନ ଗଣସଙ୍ଗଠନର କର୍ମୀ ଓ ରାଜନୈତିକ ନେତୃବୃନ୍ଦଙ୍କ ସମେତ ୭ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରି ଅଟକ




ରଖାଯାଇଥିବା ଅଭିଯୋଗ କରାଯାଇଥିଲା। ମୋଦି-ଅମିତ ଶାହାଙ୍କ ନେତୃତ୍ୱାଧୀନ ବିଜେପି ସରକାରର ଏହି ଯୋଜନାବଦ୍ଧ ବିରୋଧରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଜାରି ରଖିବା ସହ ଜ୍ଞାନେଶ କୁମାରଙ୍କୁ ବରଖାସ୍ତ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ଆହ୍ୱାନ ଦିଆଯାଇଛି। ବକ୍ତାମାନେ ଆହୁରି କହିଥିଲେ ଯେ, ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ସାବାଳକ ନାଗରିକଙ୍କ ଭୋଟଦାନ ଅଧିକାର ସୁନିଶ୍ଚିତ କରିବା ଆବଶ୍ୟକ। ଭୋଟର ତାଲିକାର ସଠିକତା ରକ୍ଷା ପାଇଁ ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର) କରାଯାଉଥିବାବେଳେ ଏହା ଯେପରି କୌଣସି ନାଗରିକଙ୍କ ଭୋଟଦାନ ଅଧିକାରକୁ କ୍ଷୁଣ୍ଣ ନ କରେ, ସେଥିପ୍ରତି ନିର୍ବାଚନ କମିଶନ ସଚେତନ ରହିବା ଆବଶ୍ୟକ। ବକ୍ତାମାନଙ୍କ ଅଭିଯୋଗ ଅନୁଯାୟୀ, ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରଠାରୁ ଜନସାଧାରଣଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣ ହୋଇଆସୁଛି। ଜନସାଧାରଣ ବିଜେପି ନେତୃତ୍ୱାଧୀନ ମୋଦି-ଶାହା ସରକାରକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ବିଭିନ୍ନ ଉପାୟରେ କ୍ଷମତାରେ ରହିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ବିଧାୟକ ଓ ସାଂସଦଙ୍କୁ କିଣି ସରକାର ଗଠନ କରିବାଠାରୁ ଆରମ୍ଭ କରି ଭୋଟ ଚୋରି ପର୍ଯ୍ୟନ୍ତ ବିଭିନ୍ନ ଅଗଣତାନ୍ତ୍ରିକ କାର୍ଯ୍ୟ କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ। ତିନିଜଣିଆ ନିର୍ବାଚନ କମିଶନରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଅନ୍ୟ ଦୁଇଜଣ ସଦସ୍ୟଙ୍କ ମତାମତକୁ ଅଣଦେଖା କରି ଏସଆଇଆରର ଅପବ୍ୟବହାର କରିଥିବା ମଧ୍ୟ ଅଭିଯୋଗ କରାଯାଇଥିଲା। ଇଣ୍ଡିଆନ ଏକ୍ସପ୍ରେସ୍‌ର ତଦନ୍ତ ମୂଳକ ରିପୋର୍ଟର ତଥ୍ୟ ସାମ୍ନାକୁ ଆସିବା ପରେ ଦେଶବ୍ୟାପୀ ପ୍ରତିବାଦ ତୀବ୍ର ହୋଇଥିବା ବକ୍ତାମାନେ କହିଥିଲେ। ଭୋଟ ଚୋରି ସମ୍ପର୍କିତ ଅଭିଯୋଗକୁ ନେଇ ନିମ୍ନଲିଖିତ ଚାରିଦଫା ଦାବିରେ ଗତ ୧୦ ଅକ୍ଟୋବରରେ ଜନ୍ତରମନ୍ତରଠାରେ ଆନ୍ଦୋଳନର ଡାକରା ଦିଆଯାଇଥିଲା।

ଚାରିଦଫା ଦାବି: ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ ପଦରୁ ବରଖାସ୍ତ କରାଯାଉ; ଏସଆଇଆର ଯୋଗୁ ଭୋଟର ତାଲିକାରୁ ବାଦ ପଡ଼ିଥିବା ଭୋଟରମାନଙ୍କ ନାମ ପୁନର୍ବାର ତାଲିକାରେ ସାମିଲ କରାଯାଉ; ନିର୍ବାଚନ କମିଶନର ନିଯୁକ୍ତି ପାଇଁ ପୂର୍ବରୁ ପ୍ରଚଳିତ ଚୟନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ, ଯେଉଁଥିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଓ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ସାମିଲ ରହିଲେ; ଇଭିଏମ୍ ପରିବର୍ତ୍ତେ ପେପର ମାଧ୍ୟମରେ ଭୋଟଦାନ ବ୍ୟବସ୍ଥା ପୁନଃ ପ୍ରଚଳନ କରି ଗଣତନ୍ତ୍ରର ସୁରକ୍ଷା ସୁନିଶ୍ଚିତ କରାଯାଉ। ପ୍ରତିବାଦ ସଭାରେ ବିଭିନ୍ନ ଦଳର ନେତୃବୃନ୍ଦଙ୍କ ଯୋଗଦାନ। ଆଜିର ପ୍ରତିବାଦ ସଭାରେ ଭାରତୀୟ ଜାତୀୟ କଂଗ୍ରେସର ରାଜ୍ୟ ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ଭାରତ କମ୍ୟୁନିଷ୍ଟ ପାର୍ଟି (ଏମ.ଏଲ.) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଓ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ଅରବିନ୍ଦ ଦାସ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନା, ସିପିଆଇର ଜୟନ୍ତ ଦାସ, ସୁର ଜେନା ଓ କୈଳାସ କୁହାଣ, ସିପିଆଇ(ଏମ୍)ର ପୁଷ୍ପା ଦାଶ, ଉଲ୍ଲାସ ସ୍ୱାଇଁ ଓ ପ୍ରଦୀପ୍ତ ନାୟକ, ସିପିଆଇ(ଏମ୍‌ଏଲ) ଲିବରେସନର ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ଓ ଅଶୋକ ପ୍ରଧାନ, ଫରୱାର୍ଡ ବ୍ଲକର ପ୍ରତାପ ନାୟକ ଓ ଲକ୍ଷ୍ମୀ ଦୋରା ଏବଂ ସମାଜବାଦୀ ପାର୍ଟିର ବିଜୟ ବେହେରା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଚାରିଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଦେଶବ୍ୟାପୀ ଜାରି ରହିବ। ଆସନ୍ତା ୧୨ ଅକ୍ଟୋବରରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଲ୍ଲୀରେ ଏକ ବିଶାଳ ମହାସମାବେଶ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି।

ପ୍ରତିଶବ୍ଦ TV

ଭୁବନେଶ୍ୱର,ମଙ୍ଗଳବାର, ଅକ୍ଟୋବର ୧୩, ୨୦୨୬

### ସମ୍ବଲପୁରରେ 'ମେରା ଯୁବା ଭାରତ' ଦ୍ୱାରା 'ବନ୍ଦେ ମାତରମ୍ ଶିବିର'ରେ ସାଂସଦଙ୍କ ଉଦବୋଧନ

# ରାଷ୍ଟ୍ର ନିର୍ମାଣ ଓ ସମୃଦ୍ଧ ଐତିହ୍ୟ ସହ ଯୋଡ଼ି ହୁଅନ୍ତୁ ଯୁବପିଢ଼ି – ଧର୍ମେନ୍ଦ୍ର ପ୍ରଧାନ






ସମ୍ବଲପୁର, ୧୨/୧୦: ସମ୍ବଲପୁର ମାଟିର ବୀରତ୍ୱ, ସଂସ୍କୃତି ଓ ସାହିତ୍ୟ ଆମ ସମୃଦ୍ଧ ଐତିହ୍ୟର ଅମୂଲ୍ୟ ଅଧ୍ୟାୟ । ଏହାକୁ ଭାରତର ପ୍ରତ୍ୟେକ ଯୁବପିଢି ଅନ୍‌ୱେଷଣ କରିବା ସହ ସବୁ ବିଷୟର ଅନୁଭବ ନେବା ଦରକାର ବୋଲି ରବିବାର ସମ୍ବଲପୁରରେ 'ମେରା ଯୁବା ଭାରତ'(MY Bharat) ଦ୍ୱାରା ଆୟୋଜିତ 'ବନ୍ଦେ ମାତରମ୍ ଶିବିର'ରେ ଯୋଗଦେଇ କହିଛନ୍ତି ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ରାଷ୍ଟ୍ର ନିର୍ମାଣ ଓ ସମୃଦ୍ଧ ଐତିହ୍ୟ ସହ ଯୋଡ଼ି ହେବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପ୍ରଧାନ ।

ଶ୍ରୀ ପ୍ରଧାନ ସମସ୍ତଙ୍କୁ ନବରାତ୍ରୀର ଶୁଭେଚ୍ଛା ଜଣାଇ କହିଛନ୍ତି ଯେ 'ବନ୍ଦେ ମାତରମ୍' ମନ୍ତ୍ର ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କୁ ମାତୃଭୂମି ପ୍ରତି ଅଗାଧ ପ୍ରେମ ଏବଂ ସମର୍ପଣ ଭାବରେ ଏକାଠି କରିବାରେ ପ୍ରେରଣା ଯୋଗାଇଥିଲା । ଆଜି ମଧ୍ୟ ଏହା ଆମର ଜାତୀୟ ଗୌରବ ଏବଂ ଏକତାର ପ୍ରତୀକ ଅଟେ। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସାକାର କରିବା ଦିଗରେ ଏହି ଶିବିର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

ସମ୍ବଲପୁରର ଐତିହାସିକ ମହତ୍ତ୍ୱ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାଟିରେ ମନୁଷ୍ୟ ସଭ୍ୟତାର ପ୍ରମାଣ ୧୦ ହଜାର ବର୍ଷ ପୂର୍ବରୁ ରହିଛି । ଜିଲ୍ଲାର 'ଭୀମ ମଣ୍ଡଳୀ'ର ରକ୍ ଆର୍ଟ ଏହାର ମୂକସାକ୍ଷୀ । ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଛବିଳ ସାଏ ଏବଂ ୩୭ ବର୍ଷ କାଳ କାରାଦଣ୍ଡ ଭୋଗିଥିବା ସ୍ୱାଧୀନତା ସଂଗ୍ରାମୀ ଉଦନ୍ତ ସାଏଙ୍କ ବଳିଦାନ ଗାଥା ଏହି ମାଟିର ଗୌରବକୁ ଦ୍ୱିଗୁଣିତ କରିଛି । ସେ କହିଛନ୍ତି ସମ୍ବଲପୁର ମାଟି କଳା, ସାହିତ୍ୟ ଏବଂ ଆଧ୍ୟାତ୍ମର କେନ୍ଦ୍ର ମଧ୍ୟ ଅଟେ । ଏହି ପବିତ୍ର ଭୂମିରେ ସନ୍ଥକବି ଭୀମ ଭୋଇଙ୍କ ସମାଜ କଲ୍ୟାଣକାରୀ ବାଣୀ – 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ... ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଆଜି ବିଶ୍ୱ ସ୍ତରରେ ଜାତିସଂଘ ପର୍ଯ୍ୟନ୍ତ ଆଦୃତ ହୋଇଛି । ସେହିପରି ମାତୃଭାଷା ଓ ସାହିତ୍ୟର ପ୍ରଖର ପ୍ରବକ୍ତା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅବଦାନ ମଧ୍ୟ ଅମୂଲ୍ୟ।

ହୀରାକୁଦ ଜଳଭଣ୍ଡାର ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହା ଆଧୁନିକ ଭାରତର ସବୁଠାରୁ ବଡ଼ ଇଞ୍ଜିନିୟରିଂ ମାର୍ଭଲ୍ ଏବଂ ଦୁନିଆର ସବୁଠାରୁ ବଡ଼ ମାଟି ବାନ୍ଧ ଅଟେ । ଡକ୍ଟର ବାବାସାହେବ ଆମ୍ବେଦକର ଏବଂ ସାର୍ ଏମ୍. ଭିଶେଶ୍ୱରାୟାଙ୍କ ପରିକଳ୍ପନାରେ ଏହା ଗଢ଼ିଉଠିଛି । ସମ୍ବଲପୁର ସହରରେ ଭିସୁଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଆଇ.ଆଇ.ଏମ୍. ସମେତ ଅନେକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ରହିଛି, ଯାହା ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏଠାକାର ବିଦ୍ୱାନ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଡ୍ରୋନ୍ ଜାତୀୟ ସୁରକ୍ଷାରେ ମଧ୍ୟ ବ୍ୟବହାର କରାଯାଉଛି। ଏହାବ୍ୟତୀତ ସମ୍ବଲପୁରୀ ହସ୍ତତନ୍ତ ଏବଂ ଖାଦି ଆମର ସାଂସ୍କୃତିକ ପରିଚୟ ଏବଂ ସ୍ୱଦେଶୀ ଭାବନାର ପ୍ରତୀକ ଅଟେ। ଏହା କେବଳ ଏକ ପୋଷାକ ନୁହେଁ, ବରଂ ଗ୍ରାମାଞ୍ଚଳର ବୁଣାକାର ଓ କୃଷକ ପରିବାରର ସୃଜନଶୀଳତାର ଅନନ୍ୟ ପ୍ରତିଫଳନ ବୋଲି ସେ ପ୍ରଶଂସା କରିଥିଲେ।

ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଭାରତ ପାଖରେ ବିଶ୍ୱର ସବୁଠାରୁ ବଡ଼ ଯୁବ ଶକ୍ତି ରହିଛି ବୋଲି ପ୍ରକାଶ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ କାହାରି ଧମକ କିମ୍ବା ଆଗରେ କେବେ ମୁଣ୍ଡ ନୁଆଁଇ ନାହିଁ, ନା ଆଜି ନୁଆଁଉଛି, ନା ଆଗକୁ ନୁଆଁଇବ । ଆଜି ଭାରତୀୟ ଯୁବକମାନେ ଆଇ.ଟି., ବିଜ୍ଞାନ, ଇନୋଭେସନ ଏବଂ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର ମାଧ୍ୟମରେ ବିଶ୍ୱର ନେତୃତ୍ୱ ନେଉଛନ୍ତି । 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ଆପଣାଇ ସମାଜର ଶେଷ ଧାଡ଼ିର ମଣିଷ ପାଇଁ କାମ କରିବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ ତଥା ପଞ୍ଚାୟତରାଜ ବିଭାଗର ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବନ୍ଦେ ମାତାରମ ଶିବିରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଦିଲ୍ଲୀ, ମଧ୍ୟପ୍ରଦେଶ, ମିଜୋରାମ ଏବଂ ପଶ୍ଚିମବଙ୍ଗ ଅଞ୍ଚଳରୁ ଅନେକ ଯୁବ ପ୍ରତିନିଧି ସାମିଲ ହୋଇଥିଲେ । ବନ୍ଦେ ମାତରମ୍ ଶିବିର ହେଉଛି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତର ଏକ ପ୍ରମୁଖ ଜାତୀୟ ସ୍ତରୀୟ ଯୁବ କାର୍ଯ୍ୟକ୍ରମ। ଏକ ଭାରତ, ଶ୍ରେଷ୍ଠ ଭାରତ ଏବଂ ବିକଶିତ ଭାରତ ଅ୨୦୪୭ର ପରିକଳ୍ପନା ଅନୁଯାୟୀ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟ ଏକତା, ଦେଶପ୍ରେମ, ସାମ୍ବିଧାନିକ ମୂଲ୍ୟବୋଧ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ନେତୃତ୍ୱ ଦକ୍ଷତାର ବିକାଶ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ସମଗ୍ର ଦେଶରେ ମୋଟ ୨୦ଟି ବନ୍ଦେ ମାତରମ୍ ଶିବିର ଆୟୋଜନ କରାଯାଉଥିବା ବେଳେ ଓଡ଼ିଶାର ସମ୍ବଲପୁର ଏହାର ଅନ୍ୟତମ ଆୟୋଜନ ସ୍ଥଳ ଭାବେ ମନୋନୀତ ହୋଇଛି । ଏହି ଶିବିର ଅବସରରେ ପ୍ରତିନିଧିମାନଙ୍କୁ ପଶ୍ଚିମ ଓଡ଼ିଶାର ଐତିହାସିକ, ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟ ସହ ପରିଚିତ କରାଇବା ଉଦ୍ଦେଶ୍ୟରେ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ, ହୀରାକୁଦ ନଦୀବନ୍ଧ, ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ମା' ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ଏବଂ କର୍ଡଲା ଗ୍ରାମ ପରିଦର୍ଶନର ବ୍ୟବସ୍ଥା ରହିଛି। କାରଡୋଲା ପରିଦର୍ଶନ ସମୟରେ ଯୁବ ପ୍ରତିନିଧିମାନେ ପାରମ୍ପରିକ ସମ୍ବଲପୁରୀ ଶାଢ଼ି ବୁଣା ପ୍ରକ୍ରିୟା ଏବଂ ସ୍ଥାନୀୟ କାରିଗରମାନଙ୍କ ଦକ୍ଷତା ଓ ଜୀବିକା ପରମ୍ପରା ସମ୍ପର୍କରେ ଅବଗତ ହେବେ।

# ଟାଇମ୍ସ ଫ୍ୟାଶନ୍ ୱିକ୍‌ରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର ଝଲକ ଦେଖାଇଲା ଓରମାସ୍



ଭୁବନେଶ୍ୱର ୧୨/୧୦: ଭୁବନେଶ୍ୱର ଟାଇମ୍ସ ଫ୍ୟାଶନ୍ ୱିକ୍ ୨୦୨୬ରେ ସହଯୋଗୀ ଅଂଶୀଦାର ଭାବେ ଯୋଗଦେଇ ଓରମାସ୍ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଫ୍ୟାଶନ୍ ରାମ୍ପ୍‌ରେ ପ୍ରଦର୍ଶିତ କରିଛି । ଅକ୍ଟୋବର ୧୦ ଓ ୧୧ ତାରିଖରେ ହୋଟେଲ ମେଫେୟାର ସାଙ୍କଚୁଆରୀଠାରେ ଆୟୋଜିତ ଏହି ଦୁଇଦିନିଆ ଆୟୋଜନ ମାଧ୍ୟମରେ ରାଜ୍ୟର ବୁଣାକାର ଓ କାରିଗରଙ୍କ ସୃଜନଶୀଳତାକୁ ବ୍ୟାପକ ପରିଚୟ ଦେବା ସହ ସେମାନଙ୍କ ଉତ୍ପାଦ ପାଇଁ ନୂଆ ବଜାର ସୁଯୋଗ ସୃଷ୍ଟିର ପ୍ରୟାସ କରାଯାଇଛି।

ଓରମାସ୍ ପକ୍ଷରୁ ପ୍ରୋତ୍ସାହିତ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପରିଧାନ କରି ଞଞ୪୦ ଜଣ ମଡେଲ୍ଞଞ ରାମ୍ପ୍‌ରେ ଚାଲିଥିଲେ। ସେମାନଙ୍କ ମଧ୍ୟରେ ଓଲିଉଡ୍ ଅଭିନେତ୍ରୀ ସଙ୍ଗୀତା ଶିବାନୀ ମଧ୍ୟ ଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ଜିଲ୍ଲାର ବୁଣାକାର ଓ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହ ଏକ ଜିଲ୍ଲା, ଏକ ଉତ୍ପାଦ (ଙଡଙଚ) ଅନ୍ତର୍ଗତ ପାରମ୍ପରିକ ଉତ୍ପାଦଗୁଡ଼ିକୁ ଫ୍ୟାଶନ୍ ରାମ୍ପ୍‌ରେ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ସମ୍ବଲପୁରୀ ସିଲ୍କ ଶାଢ଼ି, କଟକ ଖଣ୍ଡୁଆ ସିଲ୍କ ଶାଢ଼ି, ମଣିଆବନ୍ଧ ଶାଢ଼ି, ପଟ୍ଟଚିତ୍ର ସିଲ୍କ ଶାଢ଼ି, ଜିଆଇ ମାନ୍ୟତାପ୍ରାପ୍ତ କୋଟପାଡ଼ ହସ୍ତତନ୍ତ, ଧଳାପଥରର ପାରମ୍ପରିକ ବୟନ ସାମଗ୍ରୀ, ଡୋକ୍ରା କଳାକୃତି ଓ ଫ୍ୟାବ୍ରିକ୍ ଗହଣା ସ୍ଥାନ ପାଇଥିଲା।

ଏହି ଫ୍ୟାଶନ୍ ସୋ'ର ଅନ୍ୟତମ ଆକର୍ଷଣ ଥିଲେ ଖୋର୍ଦ୍ଧା ଓ କଟକ ଜିଲ୍ଲାର ୧୪ ଜଣ ମହିଳା ବୁଣାକାର। ସେମାନେ ନିଜ ହାତରେ ବୁଣିଥିବା ପାରମ୍ପରିକ ହସ୍ତତନ୍ତ ପୋଷାକ ପିନ୍ଧି ପେସାଦାର ମଡେଲ୍‌ଙ୍କ ସହ ରାମ୍ପ୍‌ରେ ଚାଲିଥିଲେ। ଏଭଳି ଏକ ମଞ୍ଚରେ ସ୍ଥାନୀୟ ବୁଣାକାରଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ସେମାନଙ୍କୁ ନିଜ କଳା ଓ ଦକ୍ଷତା ପ୍ରଦର୍ଶନ ସହ ବ୍ୟାପକ ପରିଚୟ ଓ ସ୍ୱୀକୃତି ପାଇବାର ସୁଯୋଗ ଦେଇଥିଲା। ଏହି ପ୍ରଦର୍ଶନୀକୁ ଦର୍ଶକମାନେ ପ୍ରଶଂସା କରିଥିଲେ।

ଏଥିସହ ଓରମାସ୍ ପକ୍ଷରୁ ଦୁଇଟି କିଓସ୍କ ଷ୍ଟଲ୍ ସ୍ଥାପନ କରାଯାଇ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶନ କରାଯାଇଥିଲା। ଦର୍ଶକମାନେ ସାମଗ୍ରୀ କିଣିବା ସହ ସେଗୁଡ଼ିକର ଡିଜାଇନ୍ ଓ କାରିଗରୀକୁ ପ୍ରଶଂସା କରିଥିଲେ।

ଏହି ସାମଗ୍ରୀଗୁଡ଼ିକ ସୁବର୍ଣ୍ଣଶ୍ରୀ ଓରମାସ୍ ରିଟେଲ ବିକ୍ରୟ କେନ୍ଦ୍ର ଏବଂ ସୁଭଦ୍ରା ଶକ୍ତି ବଜାରରେ ମଧ୍ୟ ଉପଲବ୍ଧ ହେବ। ଏହାଦ୍ୱାରା ଗ୍ରାହକମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ କିଣିବାର ସୁଯୋଗ ପାଇପାରିବେ।

ଏହି ପଦକ୍ଷେପକୁ ପ୍ରଶଂସା କରି ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ କହିଛନ୍ତି, "ଏଭଳି ସୁଯୋଗ ବୁଣାକାର ଓ କାରିଗରଙ୍କୁ ନୂଆ ବଜାର ଓ ଗ୍ରାହକଙ୍କ ସହ ଯୋଡ଼ିବା ସହ ଓଡ଼ିଶାର କାରିଗରୀ ପରମ୍ପରାର ସୁରକ୍ଷା ଓ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବ।"

# ବିଭିନ୍ନ ଦାବି ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଅଙ୍ଗନବାଡି କର୍ମୀମାନଙ୍କର ଜିଲ୍ଲାପାଳ ଙ୍କୁ ଦାବି ପତ୍ର



କେନ୍ଦ୍ରାପଡ଼ା: (ପ୍ରତି ଶବ୍ଦ ନିଉଜ୍) ୧୨/୧୦: ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଅଙ୍ଗନବାଡି କର୍ମୀ ମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ ତ ସରକାର ୨୦୨୪ ନିର୍ବାଚନ ରେ ଦେଇ ଥିବା ପ୍ରତିଶ୍ରୁତି କାୟମ କରନ୍ତୁ, ଯଥା ଅଙ୍ଗନବାଡି କର୍ମୀ ମାନଙ୍କ ର ଦରମା ୩୦,୦୦୦ ଏବଂ ସହାୟିକା ମାନଙ୍କର ଦରମା ୧୫,୦୦୦ କରାଯାଉ। ରାଜ୍ୟର ବିଭିନ୍ନ କେନ୍ଦ୍ର ମାନଙ୍କରେ ଝଘଚ,ଗଝଚଣ ଅର୍ଥ ରାଶି ଠିକ୍ ସମୟରେ ଯୋଗାଇ ଦିଆଯିବ କୁ ସଂଘ ଦାବି କରିଥିଲା ସେମାନଙ୍କ ର ଚାକିରି ସମୟ ସୀମା କୁ ବଢାଯାଉ ଇତ୍ୟାଦି ଇତ୍ୟାଦି।

# ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜିରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ,୧୨/୧୦:ସେବା ଓ ତ୍ୟାଗର ଅବିସ୍ମରଣୀୟ ପ୍ରତୀକ ଥିଲେ ବାଜି ରାଉତ । ୧୨ ବର୍ଷର ବୀର ବାଳକ ବାଜିରାଉତଙ୍କର ବଳିଦାନ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିବାକୁ ହଜାର ହଜାର ସଂଗ୍ରାମୀ ସୃଷ୍ଟି କରିଥିଲା । ତାଙ୍କର ବଳିଦାନ ସମଗ୍ର ଦେଶର ଜନମାନସରେ ଏକ ଅଭୂତପୂର୍ବ ଉତ୍ସାହ ଭରି ଦେଇଥିଲା ଏବଂ ତତ୍‌କାଳୀନ ରାଜନୈତିକ ସାମାଜିକ ପରିବେଶରେ ସଂଗ୍ରାମର ଏକ ନୂତନ ଆଲୋକ ଉନ୍ମେଷ ହୋଇଥିଲା । ଦେଶର ସ୍ୱାଧୀନତା ପାଇଁ ବାଜିରାଉତ ବୀରତ୍ୱର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ତାହା ଓଡିଶା ଇତିହାସରେ ଚିର ଜାଜ୍ୱଲ୍ୟମାନ ରହିବ । ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସେ ଥିଲେ ଜଣେ ମହାନ୍ ? ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ ଓ ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା । ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଦେଶର ଯୁବପିଢିକୁ ଜାଗ୍ରତ କରିଥିଲା । ଜୟପ୍ରକାଶ ନାରାୟଣଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ନୀତି ଓ ସେବା ହିଁ ସର୍ବୋତ୍କୃଷ୍ଟ ରାଜଧର୍ମ ।ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ୍ ?ର ମିଳିତ ସହଯୋଗରେ ଅମର ଶହୀତ ବାଜି ରାଉତଙ୍କ ଶ୍ରାଦ୍ଧଦିବାସ ପାଳନ ଅବସରରେ ବିଧାନସଭା ପାଶ୍ୱର୍ରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀମତୀ ସୁରମା ପା ?ୀ, ଫାଉଣ୍ଡେସନ୍ ?ର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ୍ଚ, ସମ୍ପାଦକ ଶ୍ରୀ କିଶୋର କୁମାର ମିଶ୍ର, ପୂଜ୍ୟପୂଜା ସଂସଦର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ଶ୍ରୀ ଗିରିଜା ଶଙ୍କର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ବାଜି ରାଉତ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥି ସହିତ ୟୁନିଟ୍-୮ ସ୍ଥିତ ଡିଏଭି ସ୍କୁଲ ଛକ ନିକଟରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ ।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଅବଶିଷ୍ଟ ଛାତ୍ର ନେତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ



ଆଠମଲ୍ଲିକ ୧୨/୧୦ (ପ୍ରତିଶବ୍ଦ ନ୍ୟୁଜ )–: ଗତ କିଛି ବର୍ଷ ହେଲା ରାଜ୍ୟ ରେ କଲେଜ ଗୁଡିକ ରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଥିବା ବେଳେ ଚଳିତ ବର୍ଷ କଲେଜ ଗୁଡିକ ରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା ହୋଇଥିବାରୁ ଛାତ୍ର ମହଲ ଖୁସି ବ୍ୟକ୍ତ କରୁଥିବା ବେଳେ ନିର୍ବାଚନ ପାଇଁ ଆଠମଲ୍ଲିକ କଲେଜ କ୍ୟାମ୍ପସ ଚଳ ଚଞ୍ଚଳ ହୋଇ ଉଠିଛି କ୍ଷ ଆଠମଲ୍ଲିକ କଲେଜ ରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପରେ ମୁଖ୍ୟତଃ ସଭାପତି, ଉପସଭାପତି, ସମ୍ପାଦକ ଓ ସହ ସମ୍ପାଦକ ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉ ଥିବା ସ୍ପଷ୍ଟ ହୋଇଥିବା ବେଳେ ଆଉ କିଛି ପଦ ପଦବୀ ରେ ଜଣେ ଓ ଦୁଇ ଜଣ ଲେଖାଏଁ ପ୍ରତିଦ୍ୱନ୍ଦୀ ଥିବାର ଜଣା ପଡିଛି କ୍ଷ ମୁଖ୍ୟତଃ ସଭାପତି ଓ ସମ୍ପାଦକ ପଦବୀ ପାଇଁ ପ୍ରାର୍ଥୀତ୍ୱ,ପ୍ରତିଦ୍ୱନ୍ଦିତା, ଓ ହାର ଜିତ କୁ ନେଇ ଚର୍ଚ୍ଚା ଜୋର ହେଉଥିବା ଦେଖା ଯାଉଛି କ୍ଷ ସଭାପତି ଭାବରେ ଅଚ୍ୟୁତ କୁମାର ବାଘ, ଆକାଶ କର୍ଣ୍ଣ, ଅଦ୍ୱ ?ତ ମେଣ୍ଡୁଲି ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଥିବା ବେଳେ ଉପସଭାପତି ପାଇଁ ଦିବ୍ୟରଞ୍ଜନ ମୁଖି, ଅମିତ କ୍ଷେତି, ରାକେଶ କୁମାର ଭୁକ୍ତା, ସମ୍ପାଦକ ପଦବୀ ପାଇଁ ସିଦ୍ଧିବିନାୟକ ବୁଡାଇକ, ସ୍ନେହଲତା ମହାକୁଡ଼, ସଂଗ୍ରାମ ଷଣ୍ଢ, ସେହିପରି ସହ ସମ୍ପାଦକ ପଦବୀ ରେ ଶୁଭମ ଭୁକ୍ତା,ସଲିମ ବଗର୍ତ୍ତୀ, ପ୍ରଯୋତନ ବିଶ୍ୱାଳ, ପ୍ରତିଦ୍ୱନ୍ଦିତା କରୁଥିବା ବେଳେ କ୍ରୀଡା ସମ୍ପାଦକ ରେ ମାତ୍ର ଜଣେ ପ୍ରାର୍ଥୀ ଟୁଲୁ ଦେହୁରୀ ଜଣେ ମାତ୍ର ପ୍ରାର୍ଥୀ ଅଛନ୍ତି କ୍ଷ ଡ୍ରାମା କ୍ଲବ ସମ୍ପାଦକ ରେ ମଧ୍ୟ ଜଣେ ପ୍ରାର୍ଥୀ ସ୍ୱୟଂ ପ୍ରକାଶ ସାହୁ, ଡ୍ରାମା କ୍ଲବ ସହ ସମ୍ପାଦକ ରେ ଦୀପ୍ତି କ୍ରୀଷ୍ଟା ନାୟକ, ଶ୍ରୀତମ ନାଏକ, ଏସ ଏସ ଜି ସେକ୍ରେଟାରୀ ପଦବୀ ପାଇଁ ଦୁଇ ଜଣ ଯଥା ମୁକେଶ ବେହେରା ଓ ସୁମନ ପ୍ରଧାନ, ଡ଼ି ଏସ ଏ ସମ୍ପାଦକ ପଦବୀ ପାଇଁ ମାତ୍ର ଜଣେ ପ୍ରାର୍ଥୀ ଇରଫାନ ଖାଁ, ଷ୍ଟୁଡେଣ୍ଟ କମନ ରୁମ ସେକ୍ରେଟାରୀ ସୋନାଲି ମହାନନ୍ଦିଆ ପ୍ରତି ଦ୍ୱନ୍ଦୀ ଭାବରେ ଥିବା ଜଣା ପଡିଛି କ୍ଷ କ୍ୟାମ୍ପସ ଭିତରେ ସମସ୍ତ ପ୍ରାର୍ଥୀ ନିଜ ନିଜ ସପକ୍ଷରେ ଭୋଟର ତଥା ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଉ ଥିବାର ଦେଖା ଯାଉଛି କ୍ଷ ପ୍ରାର୍ଥୀ ପତ୍ର ଦାଖଲ ଦିନ ଠାରୁ ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ସହ କ୍ୟାମ୍ପେନିଙ୍ଗ ଚାଲୁ ଥିବାର ଦେଖା ଯାଉଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati